ISSN -2583-147X(P), **Vol.- 9, Issue No.II, May 2023**
**Bastabatara Pariprakash Prachee**
***Peer Reviewed and Referred Research Journal***

# ନାଟ୍ୟକାର କମଲଲୋଚନ ମହାନ୍ତିଙ୍କ ନାଟ୍ୟଜଗତ

**ପ୍ରମୋଦିନୀ ସ୍ୱାଇଁ**

ସ୍ୱାଧୀନତା ପ୍ରାପ୍ତିର ପରବର୍ତ୍ତୀ କାଳରେ ରଚିତ ଓଡ଼ିଆ ନାଟକ ସମୂହରେ କେତେକେ ବିଶେଷତ୍ୱ ପରିଲକ୍ଷିତ ହୁଏ । ସ୍ୱାଧୀନତା ପ୍ରାପ୍ତି ପୂର୍ବରୁ କବି, ଔପନ୍ୟାସିକ ଓ ନାଟ୍ୟକାରମାନଙ୍କର ପ୍ରଧାନ ଲକ୍ଷ୍ୟ ଥିଲା ଲୋକମାନଙ୍କ ମଧ୍ୟରେ ଦେଶାତ୍ମବୋଧ ଓ ଜାତୀୟତା ଭାବର ଉଦ୍‌ବୋଧନ ଦେବା ଓ ପ୍ରଚାର ଏବଂ ପ୍ରସାର କରିବା । ଦେଶରେ ଦେଖା ଦେଇଥିବା ଅନ୍ନାଭାବ ଓ ଅର୍ଥାଭାବ ଉପରେ ଗୁରୁତ୍ୱ ଦେଇ ବହୁ ସ୍ରଷ୍ଟା ଲେଖନୀ ଚାଳନା କରିଥିଲେ । ମୁଖ୍ୟତଃ ସାହିତ୍ୟକୁ ମାଧ୍ୟମ କରି ସମ୍ପ୍ରଦାୟିକତା ଓ ମାନବୀୟ ସମସ୍ୟାର ବିଭିନ୍ନ ରୂପ ପ୍ରକାଶିତ ହୋଇଥିଲା । ଏହାର ପ୍ରଭାବରେ ତତ୍କାଳୀନ ସମୟର ନାଟ୍ୟକାରମାନେ ମଧ୍ୟ ଅନୁରୂପ ବିଷୟ ପ୍ରତି ଗୁରୁତ୍ୱାରୋପ କରି ନିଜର କଳା କୌଶଳକୁ ଲୋକଲୋଚନକୁ ଆଣିଥିଲେ । ସ୍ୱାଧୀନତା ପରବର୍ତ୍ତୀ ସମୟରେ ଓଡ଼ିଆ ନାଟକର ବିକାଶଧାରାରେ ଦୁଇଟି ଶ୍ରେଣୀୟ ନାଟ୍ୟଶୈଳୀ ଦୃଷ୍ଟିଗୋଚର ହୋଇଥାଏ । ପ୍ରଥମଟି ହେଉଛି ପାରମ୍ପରିକ ନାଟ୍ୟଶୈଳୀ ଓ ଦ୍ୱିତୀୟଟି ହେଉଛି ପରୀକ୍ଷାଧର୍ମୀ ନାଟ୍ୟଶୈଳୀ । ଏହି ସମୟରେ ପରୀକ୍ଷାଧର୍ମୀ ନାଟକର ଜନକ ରୂପେ ପରିଚିତି ଲାଭ କରିଥିବା ସ୍ୱନାମଧନ୍ୟ ନାଟ୍ୟକାର ହେଉଛନ୍ତି ଶ୍ରୀଯୁକ୍ତ ମନୋରଞ୍ଜନ ଦାସ । ପ୍ରଥମତଃ ସ୍ୱାଧୀନତା ପୂର୍ବରୁ ସେ ପ୍ରଚଳିତ ନାଟ୍ୟଧାରାକୁ ସମ୍ମାନ ଦେବାକୁ ଯାଇ କେତେକ ପାରମ୍ପରିକ ଶୈଳୀର ନାଟକ ସୃଷ୍ଟି କରିଥିଲେ । ପରବର୍ତ୍ତୀ ସମୟରେ ବିଭିନ୍ନ ପାଶ୍ଚାତ୍ୟ ନାଟ୍ୟକାରମାନଙ୍କ ନାଟ୍ୟଶୈଳୀରେ ଅନୁପ୍ରାଣିତ ହୋଇ ପରୀକ୍ଷାଧର୍ମୀ ନାଟକ ଉପରେ ଗୁରୁତ୍ୱ ଦେଇ ବହୁଗୁଡ଼ିଏ ନାଟକ ରଚନା କରିଥିଲେ । ନାଟ୍ୟକାର ଶ୍ରୀଯୁକ୍ତ ଦାସଙ୍କ ଦ୍ୱାରା ପ୍ରଭାବିତ ହୋଇ ଏହି ସମୟରେ ବହୁ ନାଟ୍ୟକାର ପରୀକ୍ଷାଧର୍ମୀ ନାଟ୍ୟଶୈଳୀକୁ ଆପଣେଇ ନେଇ ଗୌରବ ଅର୍ଜନ କରିଥିଲେ । ସେମାନଙ୍କ ମଧ୍ୟରେ ବିଶ୍ୱଜିତ୍ ଦାସ, ବିଜୟ ମିଶ୍ର, ରତ୍ନାକର ଚଇନି ରମେଶ ପାଣିଗ୍ରାହୀ ପ୍ରମୁଖ ଅନ୍ୟତମ ।

ଏହି ସମୟରେ ଜଣେ ଲବ୍ଧ ପ୍ରତିଷ୍ଠିତ ନାଟ୍ୟକାର ରୂପେ ପରିଚୟ ବହନ କରିଥିବା ସାରସ୍ୱତ ବ୍ୟକ୍ତି ହେଉଛନ୍ତି ନାଟ୍ୟକାର କମଲଲୋଚନ ମହାନ୍ତି । ଶ୍ରୀଯୁକ୍ତ ମହାନ୍ତି ଥିଲେ ପରମ୍ପରାର ସାର୍ଥକ ପୂଜାରୀ । ପାଶ୍ଚାତ୍ୟ ନାଟ୍ୟଶୈଳୀକୁ ସଂପୂର୍ଣ୍ଣ ଭାବେ ପରିହାର କରି ସେ ତାଙ୍କ ନାଟ୍ୟସୌଧକୁ ସରସ ସୁନ୍ଦର କରି ନିର୍ମାଣ କରିଥିଲେ । ଯେଉଁ ସମୟରେ ସମଗ୍ର ଓଡ଼ିଆ ନାଟ୍ୟସାହିତ୍ୟରେ ପରୀକ୍ଷାଧର୍ମୀ ନାଟ୍ୟଧାରାର ପ୍ରଚଳନ ଥିଲା, ସେହି ସମୟରେ ନାଟ୍ୟକାର ମହାନ୍ତିଙ୍କ ଆବିର୍ଭାବ ହୋଇଥିଲେ ମଧ୍ୟ ସେ ପାରିପାର୍ଶ୍ୱିକ ପରିସ୍ଥିତିକୁ ଗୁରୁତ୍ୱ ଦେଇ ପରମ୍ପରା ପ୍ରତି ସମ୍ମାନ ପ୍ରଦର୍ଶନ କରି ବହୁ ନାଟକ ରଚନା କରିଯାଇଛନ୍ତି । ସେ ଉତ୍ତୀର୍ଣ୍ଣ ପଚାଶର ଜଣେ ଦକ୍ଷ ନାଟ୍ୟକାର ଭାବେ ପରିଚିତ । ନାଟକକୁ ସେ ଲୋକଶିକ୍ଷାର ବାହକ ଭାବରେ ବ୍ୟବହାର କରିଛନ୍ତି । ଜଣେ ସମାଜ ସଚେତକ ସ୍ରଷ୍ଟା ଭାବେ ସମାଜ ଗର୍ଭରୁ ହିଁ ବିଷୟବସ୍ତୁକୁ ସଂଗ୍ରହ କରିଛନ୍ତି । ତତ୍କାଳୀନ ସମାଜରେ ଦେଖାଦେଇଥିବା ବିଭିନ୍ନ ସାମାଜିକ ସମସ୍ୟା, ସମାଜ ଜୀବନରେ ରହିଥିବାଦୋଷ ଦୁର୍ବଳତା, ତ୍ରୁଟି-ବିଚ୍ୟୁତିକୁ ନାଟକ ମାଧ୍ୟମରେ ଲୋକଲୋଚନକୁ ଆଣିବା ତାଙ୍କର ଉଦ୍ଦେଶ୍ୟ । ସ୍ୱାଧୀନତା ପରବର୍ତ୍ତୀ ସମୟରେ ଉତ୍କଳୀୟ ଜନଜୀବନରେ ଯାହା ଉଭୟ ନଗର ଓ ପଲ୍ଲୀ ଅଞ୍ଚଳରେ ସୁଲଭ ଥିଲା, ତାହାର ଯଥାର୍ଥ ରୂପ ଦେଖିବାକୁ ମିଳିଥାଏ କମଲଲୋଚନଙ୍କ ନାଟକରେ । ତାଙ୍କ

ନାଟକରେ ଦେଶକାଳ, ପରିବେଶ, ପାତ୍ରପାତ୍ରୀ ଏବଂ ଘଟଣା ଏ ସମସ୍ତ ପ୍ରାକୃତର ଯବନିକା ଦ୍ୱାରା ଏଭଳି ଭାବରେ ଆବୃତ ଯାହା ସମାଜର ଏକ ବାସ୍ତବ ଅଙ୍ଗ ଭଳି ମନେହୁଏ । ବହୁ ନାଟକର ସ୍ରଷ୍ଟା କମଳଲୋଚନଙ୍କ ଆଭିମୁଖ୍ୟ ତଥା ପ୍ରତିପାଦ୍ୟ କଥାବସ୍ତୁର ବାର୍ତ୍ତା ପ୍ରାୟ ଏକ ସମାଜରେ ଚଳାଚଳ କରୁଥିବା ମଣିଷର ପ୍ରବୃତ୍ତି ଓ କ୍ଷୁଦ୍ର ମନସ୍ତତ୍ତ୍ୱଭିତ୍ତିକ କଥା ବଳିଷ୍ଠ ସଂଳାପ ମଧ୍ୟରେ ପ୍ରକାଶ କରିବା ନାଟ୍ୟକାରଙ୍କ ଲେଖନୀର ବୈଶିଷ୍ଟ୍ୟ । ସ୍ୱାଧୀନତା ପରବର୍ତ୍ତୀ ସମୟର ମଣିଷର ଘାତ ପ୍ରତିଘାତ ରାଜନୈତିକ ଦୁର୍ନୀତି, ସ୍ୱାଧୀନୋତ୍ତର ମଣିଷର ସମସ୍ୟା ତଥା ଅସହାୟତା ଓ ଅତ୍ୟାଚାରକୁ ଲୋକଲୋକଲୋଚନକୁ ଆଣିଥିଲେ ସେମାନଙ୍କ ମଧ୍ୟରେ କମଳଲୋଚନ ଥିଲେ ଅନ୍ୟତମ । ତାଙ୍କ ନାଟକରେ ମୁଖ୍ୟ ଉପଜୀବ୍ୟ ଥିଲା, ଶାସନର ଶୋଷଣକାରୀ ଟାଉଟର ନେତା, ଅମଲାତାନ୍ତ୍ରିକ ଶୋଷଣ ଓ ପୋଷଣର ଚିତ୍ର । ସେଥିପାଇଁ ତାଙ୍କ ସଂଳାପରେ ଥିଲା ଏମାନଙ୍କ ପ୍ରଚୁର ବ୍ୟଙ୍ଗ ଓ ବିଦ୍ରୂପ । ଉନ୍ନତ ତଥା ସୃଜନାତ୍ମକ ଶୈଳୀ, ଚରିତ୍ର ଉପଯୋଗୀ ସଂଳାପ, ଉଚ୍ଚମାନର ଚରିତ୍ର ଚିତ୍ରଣ ଓ ଉତ୍କଣ୍ଠା-ବର୍ଦ୍ଧକ ଦୃଶ୍ୟ ସଜ୍ଜା ହିଁ ନାଟ୍ୟକାର କମଳଲୋଚନଙ୍କ ବୈଶିଷ୍ଟ୍ୟ । ସଂସାରରେ ନିତିଦିନିଆ ସମସ୍ୟା ସବୁକୁ ନେଇ ଗଢ଼ି ଉଠିଛି ତାଙ୍କ ନାଟକର କଥାବସ୍ତୁ-ସରଳ ଭାଷାର ଲାଳିତ୍ୟରେ ସେ ଅନେକ କ୍ଲିଷ୍ଟ ଓ ନୀରସ କଥାବସ୍ତୁକୁ ସରସ କରି ରଙ୍ଗମଞ୍ଚରେ ବାଡ଼ି ପାରିଛନ୍ତି, ଏହାହିଁ ଥିଲା ତାଙ୍କର ବିଶେଷତ୍ୱ । ନାଟକ ମାଧ୍ୟମରେ ସାମାଜିକ ଚେତନା ସୃଷ୍ଟି ଏବଂ ମାନବିକ ମୂଲ୍ୟବୋଧର ପ୍ରତିଷ୍ଠା ଥିଲା ତାଙ୍କ ନାଟ୍ୟଜୀବନର ମୂଳମନ୍ତ୍ର ।

ବାଲ୍ୟଜୀବନରୁ ହିଁ ସାହିତ୍ୟ ପ୍ରତି ଅନୁରାଗ କମଳଲୋଚନଙ୍କୁ ଜଣେ ପ୍ରତିଷ୍ଠିତ ସାହିତ୍ୟସ୍ରଷ୍ଟା କରିପାରିଥିଲା । ସ୍କୁଲ୍‌ରେ ପ୍ରକାଶ ପାଉଥିବା ମଗାଜିନ୍‌ରେ କବିତା ଲେଖାରୁ ଆରମ୍ଭ ହୋଇଥିଲା ତାଙ୍କର ସାହିତ୍ୟିକ ଜୀବନ । ପରେ ପରେ ସେ ଉପନ୍ୟାସ, ଗଳ୍ପ, କୃଷିସାହିତ୍ୟ, ଶିଶୁସାହିତ୍ୟ, ଅନୁବାଦ ଓ ନାଟକ ଆଦି ରଚନା କରି ଆପଣାର ସାହିତ୍ୟିକ ଜୀବନର ପରାକାଷ୍ଠା ପ୍ରଦର୍ଶନ କରିପାରିଥିଲେ । ନାଟକ ରଚନା ହିଁ ସବୁଠାରୁ କମଳଲୋଚନଙ୍କୁ ସର୍ବଶ୍ରେଷ୍ଠ ସିଦ୍ଧି ପ୍ରଦାନ କରିପାରିଥିଲା । ଚଳଚ୍ଚିତ୍ରର ସଂଳାପ ରଚନା, ଏକାମ୍ର ଥିଏଟରର ସଂଗଠନ ଓ ବହୁ ସାହିତ୍ୟିକଙ୍କ ଉପରେ ପରିକ୍ରମା ପ୍ରକାଶନ ତାଙ୍କୁ ଓଡ଼ିଆ ସାହିତ୍ୟରେ ଅନେକ ଲୋକପ୍ରିୟ କରିପାରିଛି । ଓଡ଼ିଆ ସାହିତ୍ୟର ଅନେକ ବିଭବରେ ଲେଖନୀ ଚାଳନା କରିଥିଲେ ମଧ୍ୟ କମଳଲୋଚନ ଜଣେ ସଫଳ ନାଟ୍ୟକାର ଭାବରେ ପ୍ରକାଶିତ ଓ ପ୍ରଚାରିତ ହୋଇଥିଲେ । ତାଙ୍କ ନାଟକ ଗୁଡ଼ିକ ହେଲା- ସମାଧାନ (୧୯୫୪), ଅଭ୍ୟୁଦୟ (୧୯୫୬), ଗାଁ ମାଟି (୧୧୫୭), କିରାଣୀ (୧୯୫୮), ସ୍ୱାମୀ ସ୍ତ୍ରୀ (୧୯୫୯), ଡାକବଙ୍ଗଳା (୧୯୬୦), ମାତୃମଙ୍ଗଳ କେନ୍ଦ୍ର (୧୯୬୧), ଆଜାଦୀ (୧୯୬୧), ଭାଇଭଉଣୀ (୧୯୬୨), ମଣିଷ (୧୯୬୩) ସନ୍ତାନ (୧୯୬୪), ମଣିକାଞ୍ଚନ (୧୯୬୫), ସାବତ ମା (୧୯୬୫) ଅମବାସ୍ୟାର ଜହ୍ନ (୧୯୬୬), ସୁବର୍ଣ୍ଣପୁର (୧୯୬୭), ପିପାସା (୧୯୬୮), ପାପପୂଣ୍ୟ (୧୯୬୮), ମିସ୍ ମଲ୍ଲିକ (୧୯୬୮), ରାମ ରହିମ (୧୯୬୯), ଆମ ଗାଁ (୧୯୭୧), ଭାରତ ଆବିଷ୍କାର (୧୯୭୨), ଘର ବାହୁଡ଼ା (୧୯୭୩), ସୁମିତ୍ରାର ସଂସାର (୧୯୭୪) ଓ ଜୀବନ (୧୯୮୩) । କମଳଲୋଚନଙ୍କ ଏହି ନାଟକ ଗୁଡ଼ିକରେ ସେ ସମାଜରେ ଚଳପ୍ରଚଳ କରୁଥିବା ବିଭିନ୍ନ ଚରିତ୍ର, ଘଟଣା, ରାଜନୈତିକ ପ୍ରେକ୍ଷାପଟର ଦୃଶ୍ୟକୁ ତାଙ୍କର ନାଟକରେ ଚମତ୍କାର ଶୈଳୀରେ ରୂପାୟିତ କରିଛନ୍ତି । ତାଙ୍କର ସାମଗ୍ରିକ ନାଟ୍ୟକୃତି ଓଡ଼ିଆ ବାଣୀଭଣ୍ଡାର ନାଟକ ବିଭାଗକୁ ସମୃଦ୍ଧ କରିଛି । ତାଙ୍କ ରଚିତ ବିଭିନ୍ନ ନାଟକ ସମ୍ପର୍କରେ ସଂକ୍ଷେପରେ ଆଲୋଚନା କରାଯାଇପାରେ ।

'ସମାଧାନ' ନାଟକଟି ମିଲ୍‌ମାଲିକ ଓ ଶ୍ରମିକ ମଧ୍ୟରେ ସଂଘର୍ଷକୁ ନେଇ ଦେଶର ଅର୍ଥନୈତିକ ସମସ୍ୟା ଉପରେ ଆଧାରିତ ନାଟ୍ୟକାର କମଳଲୋଚନଙ୍କ ପ୍ରଥମ ନାଟକ । ଇଂରେଜୀମାନଙ୍କ ଆଗମନ ପରେ ଓଡ଼ିଶାରେ ପାରମ୍ପରିକ ସମାଜ ବ୍ୟବସ୍ଥାରେ ତଥା ଇଂରାଜୀ ଶିକ୍ଷା ପ୍ରଣାଳୀର ଫଳରେ ସମାଜ ଜୀବନରେ ବିପୁଳ ପରିବର୍ତ୍ତନ ଦେଖାଗଲା । ନ'ଅଙ୍କ ଦୁର୍ଭିକ୍ଷର କରାଳ ଗ୍ରାସ ଦେଶର ଅର୍ଥନୀତିକୁ ଯେତେ ରୁଗ୍‌ଣ କରିନଥିଲା, ଟାଉଟର ଜମିଦାର, ଶୋଷକ ଗୋଷ୍ଠୀଙ୍କ ଶୋଷଣ ଓ ନିର୍ଯ୍ୟାତନରେ ସରଳ ନିରୀହ ଗ୍ରାମୀୟ ଜୀବନ ସେତିକି ଅନ୍ତସାର ଶୂନ୍ୟ ହେଲା । ରକ୍ତ ଦେଇ ଆଣିଥିବା ସ୍ୱାଧୀନତା ଯେ ଶାସକଗୋଷ୍ଠୀଙ୍କ ମନମୁଖି ଶାସନ ଏବଂ ସ୍ୱାର୍ଥ ସର୍ବସ୍ୱ ହୋଇପଡ଼ିବ ଏହା ଥିଲା ସାଧାରଣ ଜନତାଙ୍କ ଚିନ୍ତାର ବାହାରେ ।

ଶିଳ୍ପ ବିପ୍ଳବରେ ପ୍ରଭାବିତ ଇଂରେଜୀ ଶାସକମାନେ ଇଂରେଜ ଶାସକମାନେ ଭାରତ ଭୂମିରେ ମିଲ୍ ମାଲିକ ଓ ଶ୍ରମିକ ମାନଙ୍କ ସଂଘର୍ଷର ଜୀବନଯାପନ କରି ଦେଇଥାନ୍ତି ତାକୁ ପ୍ରତିରୋଧ କରି ମହାତ୍ମାଗାନ୍ଧୀ 'କୁଟି ଖାଓ କାଟି ପିନ୍ଧ' ମନ୍ତ୍ରବାଣୀ ଶୁଣାଇଥିଲେ । ନାଟ୍ୟକାର କମଲଲୋଚନ ମହାନ୍ତି ମଧ୍ୟ ଏହି ମନ୍ତ୍ରରେ ଦୀକ୍ଷିତ ହୋଇ ପୁଞ୍ଜିପତି ଓ ଶ୍ରମିକମାନଙ୍କର ବିବାଦର ସମାଧାନକୁ ନାଟକ ମାଧ୍ୟମରେ ଦର୍ଶାଇଛନ୍ତି । ତତ୍କାଳୀନ ସମୟରେ ସୃଷ୍ଟି ହୋଇଥିବା ସଂକଟମୟ ପରିସ୍ଥିତିର ଆଶୁ ପ୍ରତିକାର ଦର ସଂଚୟ ସମାଧାନର ସୂତ୍ରକୁ ଉପସ୍ଥାପିତ କରିଥିବାରୁ ନାଟକ ପ୍ରଚାରଧର୍ମୀ ହୋଇପଡ଼ିଛି । ଏହି ନଟକାର ପ୍ରଥମ ମଞ୍ଚସ୍ଥରେ ଅନୁଭୂତି ସମ୍ପର୍କରେ ନାଟ୍ୟକାର ଉପସ୍ଥାପନ କରନ୍ତି- "କିଛିଦିନ ପରେ କଟକରୁ ଗୋଟିଏ ଟେଲିଗ୍ରାମ ପାଇଲି । ମୋ ପାଖକୁ ତେଲେଙ୍ଗାବଜାର ପୋଷ୍ଟମାଷ୍ଟର ଗୋଲୁକୋଦା ଟେଲିଗ୍ରାମ କରିଛନ୍ତି । ଓଡ଼ିଶା ପୋଷ୍ଟାଲ ଟେଲିଗ୍ରାଫ ରକ୍ରେସନ କ୍ଲବ 'ସମାଧାନ' ନାଟକ ମଞ୍ଚସ୍ଥ କରୁଛି । ଅନୁମତି ସହ ବ୍ୟକ୍ତିଗତ ଭାବରେ ଉପସ୍ଥିତ ହେବାପାଇଁ ଅନୁରୋଧ । ଭାରି ଆନନ୍ଦିତ ହେଲି" ।(୧) କାରଣ ପେଷାଦାରୀ ରଙ୍ଗମଞ୍ଚ ପ୍ରସ୍ତୁତି କ୍ରମରେ ଏହା ଥିଲା ନାଟ୍ୟକାରଙ୍କର ପ୍ରଥମ ନାଟକ ।

ତାଙ୍କର 'ଅଭ୍ୟୁଦୟ' ନାଟକଟି ଗ୍ରାମ୍ୟଗୋଷ୍ଠୀ ଯୋଜନାର ପ୍ରଚାର ଉଦ୍ଦେଶ୍ୟରେ ରଚିତ । ତେଣୁ ଏହାକୁ ଏକ ପ୍ରୋପାଗଣ୍ଡା ପ୍ଲେ' ବା ପ୍ରଚାରଧର୍ମୀ ନାଟକ ମଧ୍ୟ କୁହାଯାଇପାରେ । କିନ୍ତୁ ପ୍ରୋପାଗଣ୍ଡା ଉଦ୍ଦେଶ୍ୟରେ ରଚିତ ହୋଇଥିଲେ ମଧ୍ୟ ନାଟ୍ୟକାରଙ୍କର ଲେଖନୀର ଯାଦୁସ୍ପର୍ଶରେ ଏହା ହୋଇଉଠିଛି ଖୁବ୍ ଜୀବନ୍ତ ଓ ସମାଜଧର୍ମୀ । ଏହି ନାଟକରେ ତତ୍କାଳୀନ ସମଜରେ ବିଧବାର ସମସ୍ୟାବର୍ଣିତ । ନାଟକରେ ପଣ୍ଡିତଙ୍କ ଷୋହଳ ବର୍ଷର ଝିଅ ଚିତ୍ରା ବିଧବା । 'ବିଧବା' ଶବ୍ଦ ତା'ର ଆଗକୁ ବଢୁଥିବା ପ୍ରତି ପଦକ୍ଷେପ ଉପରେ ଶିକୁଳୀ ଟାଣିଦିଏ । ଗାଁ ର ନକୁଳା ବାକୁଳା ସବୁ ମଚରେ ପୋକ ପକାଇଲା ପରି ଚିତ୍ରାର ଚରିତ୍ରକୁ ଅଙ୍ଗୁଳି ନିର୍ଦ୍ଦେଶ କରନ୍ତି । ଗାଁର ଜମିଦାର ପର୍ଶୁରାମଙ୍କ ପୁଅ ରତିକାନ୍ତ ସବୁବେଳେ ଗାଁର ଉନ୍ନତି ପାଇଁ ଚିନ୍ତିତ । ଗ୍ରାମରେ ବସବାସ କରୁଥିବା ଲୋକ ମାନଙ୍କର ଶିକ୍ଷାର ଅଭାବ ତା ସହିତ ପୁଣି ଗାଁକୁ ଗମନାଗମନର ସୁବିଧା ନହିଁ । ବିଭିନ୍ନ ପ୍ରକାର ମାରାତ୍ମକ ରୋଗ ତଥା ମ୍ୟାଲେରିଆ, ହଇଜା, ମହାମାରୀ ଇତ୍ୟାଦିରେ ପୀଡ଼ିତ ହୋଇ ଗାଁର ଲୋକେ ଯନ୍ତ୍ରଣା ଭୋଗୁଛନ୍ତି । ଏହି ସବୁ ସମାଧାନ ନିମନ୍ତେ ଚେଷ୍ଟା କରିଛି ରତିକାନ୍ତ । ମାତ୍ର ରତିକାନ୍ତ ଜମିଦାର ବଂଶରେ ଉତ୍ତରଦାୟଦ ହୋଇଥିବାରୁ ତାର ପିତା ପର୍ଶୁରାମ ଏଥିରେ ତାଙ୍କୁ ବାଧାଦେଇଛନ୍ତି । ଜମିଦାର ନକୁଳ ବକୁଳଙ୍କ କଥାରେ ବିଶ୍ୱାସ କରି ଅନ୍ଧବିଶ୍ୱାସର ବଶବର୍ତ୍ତୀହୋଇଛି । କିନ୍ତୁ ରତିକାନ୍ତ ବନ୍ଧୁ ଧନଞ୍ଜୟ ଏ ଅନ୍ଧବିଶ୍ୱାସୀ ଲୋକଙ୍କୁ ରୋଗଦାଉରୁ ରକ୍ଷା କରିବା ଲାଗି ଅଣ୍ଟା ଭିଡ଼ିଛନ୍ତି । ରତିକାନ୍ତଙ୍କ ଉଦ୍ୟମରେ ଜମିଦାରଙ୍କ ମାନସିକ ପରିବର୍ତ୍ତନ ହୁଏ । ସମସ୍ତ ଧାନ ଚାଉଳ ଗରିବ ଲୋକଙ୍କୁ ବାନ୍ଟି ଦିଅନ୍ତି । ଗାଁରେ ନାଇଟ ସ୍କୁଲର ପ୍ରତିଷ୍ଠା ହୋଇଛି । ଗାଁରେ ଥିବ ଟାଉଟରଙ୍କ ସମସ୍ତ କୁଚକ୍ରାନ୍ତ ହାର ମାନିଛି । ଶେଷରେ ନିଜର ଭୁଲକୁ ସ୍ୱୀକାର କରିଛନ୍ତି ଏବଂ ଖଟିକିଆମୂଲିଆଙ୍କ ଜୀବନର ଅଭ୍ୟୁଦୟ ଆସିଛି । ସରକାରଙ୍କର କଲ୍ୟାଣକର ଯୋଜନାର ଫଳ ଗ୍ରାମବାସୀମାନେ ଭୋଗ କରିଛନ୍ତି । ଗ୍ରାମ୍ୟଗୋଷ୍ଠୀ ଉନ୍ନୟନ ଯୋଜନାର ସୁଫଳକୁ ପ୍ରଚାର କରିବା ଉଦ୍ଦେଶ୍ୟରେ ନାଟକଟି ରଚିତ ହୋଇଥିଲେ ହେଁ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଗ୍ରାମୀଣ ସଭ୍ୟତାରେ ଦେଖା ଦେଇଥିବା ବିଭିନ୍ନ ସମସ୍ୟା ସହିତ ସାମାଜିକ ଜୀବନର ଏକ ସ୍ପଷ୍ଟ ଚିତ୍ର ପ୍ରତିଫଳିତ । ନାଟକଟି ତିନିଅଙ୍କ ଏବଂ କୋଡ଼ିଏଟି ଦୃଶ୍ୟ ସମ୍ବଳିତ ଏକ ପ୍ରଚାରଧର୍ମୀ ନାଟକ ହୋଇଥିଲେ ମଧ୍ୟ ନାଟ୍ୟକାରଙ୍କର ଉଚ୍ଚକୋଟିର ଚିନ୍ତାଶକ୍ତି ହେତୁ ଏହା ଅତ୍ୟନ୍ତ ଜୀବନ୍ତ ଓ ସମାଜଧର୍ମୀ ହୋଇଛି ।

ଅଭ୍ୟୁଦୟ ଓ ସମାଧାନ ନାଟକ ପରି 'ଗାଁ ମାଟି ମଧ କମଳ ଲୋଚନଙ୍କର ଏକ ପଲ୍ଲୀ ବିକାଶମୂଳକ ନାଟକ । ଏଥିରେ ଚାଷୀର ସମସ୍ୟା, ଅନ୍ଧବିଶ୍ୱାସ ଦୂରୀକରଣ, ନାରୀ ଜାଗରଣ, କୁଟୀରଶିଳ୍ପର ବିକାଶ, ପୌଢ ଶିକ୍ଷା ଓ ଉନ୍ନତ କୃଷି ପ୍ରଣାଳୀ ଅବଲମ୍ବନ ପ୍ରଭୃତି ଉପରେ ଗୁରୁତ୍ୱ ଦିଆଯାଇଛି । ଏହି ନାଟକଟି ୧୯୫୭ ରେ ଓଡ଼ିଶା ଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ନାଟକ ପ୍ରତିଯୋଗୀତାରେ ଶ୍ରେଷ୍ଠ ନାଟକ ଭାବେ ପୁରସ୍କୃତ ହୋଇଥିଲା । ଫଳସ୍ୱରୂପ ଏହି ପୁରସ୍କାର ହିଁ ନାଟ୍ୟକାରଙ୍କୁ ଆହୁରି ଅଧିକ ନାଟକ ଲେଖିବା ପାଇଁ ଉତ୍ସାହ ପ୍ରଦାନ କରିଥିଲା । ଏହି ସମ୍ପର୍କରେ ନାଟ୍ୟକାର କହନ୍ତି:- "ଘଟଣାକ୍ରମେ ପୌଢ଼ଶିକ୍ଷା ବିଭାଗ ତରଫରୁ ମୋତେ ଏକ ଉପନ୍ୟାସ ଲେଖିବା ପାଇଁ ଡ.ମାୟାଧର ମାନସିଂହ ଓ ରାଧାମୋହନ ଗଡ଼ନାୟକଙ୍କ ତରଫରୁ ଅନୁରୋଧ କରଯାଇଥିଲା । ପ୍ରତିଯୋଗିତାରେ ଉପନ୍ୟାସଟି ୨୫୦ ପୃଷ୍ଠା ଓ ନାଟକଟି ୧୨୫ ପୃଷ୍ଠା ହୋଇଥିବାରୁ ସମୟର ସ୍ୱଳ୍ପତା ଯୋଗୁଁ ମୁଁ ଉପନ୍ୟାସ ନ

ଲେଖି ନାଟକ ଲେଖି ପ୍ରତିଯୋଗିତାରେ ଯୋଗ ଦେଇଥିଲି । ପ୍ରତିଯୋଗିତାରେ 'ଗାଁ ମାଟି' ଶ୍ରେଷ୍ଠ ହୋଇଥିବାରୁ ଅନପୂର୍ଣ୍ଣା 'ବି' ଗ୍ରୁପ୍‌ର ଶ୍ରୀଯୁକ୍ତ ସାମୁଏଲ ସାହୁ, ସ୍ୱର୍ଗତ ଲିଙ୍ଗରାଜ ମିଶ୍ର, ପ୍ରିୟନାଥ ମିଶ୍ରଙ୍କ ଅନୁରୋଧ କ୍ରମେ ପେଷାଦାର ରଙ୍ଗମଞ୍ଚରେ ନାଟକ ଲେଖିବାପାଇଁ ବ୍ରତୀ ହେଲି ।"(୨) ନାଟକଟି ତିନି ଅଙ୍କ ଏବଂ ତେଇଶିଟି ଦୃଶ୍ୟକୁ ନେଇ ପରିକଳ୍ପିତ । ଯେଉଁଥିରେ ଏକ ଚାଷୀର ବିଭିନ୍ନ ସମସ୍ୟା, ଅନ୍ଧବିଶ୍ୱାସ, ନାରୀ ଜାଗରଣ, କୁଟୀରଶିଳ୍ପର ବିକାଶ, ପୌଢ଼ଶିକ୍ଷା ଇତ୍ୟାଦି ବିଷୟ ଉପରେ ଗୁରୁତ୍ୱ ଦିଆଯାଇଛି ।

ଉକ୍ତ ନାଟକରେ ସ୍ୱାଧୀନତା ପରବର୍ତ୍ତୀ ସମାଜରେ ଅନ୍ଧବିଶ୍ୱାସ କିପରି ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି ତାହା ଦେଖିବାକୁ ମିଳେ । ତତ୍କାଳୀନ ସମାଜରେ ଗାଁଗଣ୍ଡା ଗୁଡ଼ିକରେ ସାମାଜିକ, ରାଜନୈତିକ, ଅର୍ଥନୈତିକ ଓ ସଂସ୍କୃତିକ କ୍ଷେତ୍ରରେ ଅନଗ୍ରସର ଥିଲା । ଏକ ସାମାଜିକ ପରିବେଶ ଭିତରେ ଗ୍ରାମର ବିକାଶ ନିମନ୍ତେ ଯେଉଁ ସବୁ ପଦକ୍ଷେପ ନିଆଯିବ ଉଚିତ୍, ନାଟ୍ୟକାର ସେହି ଭାବଭୂମି ଉପରେ ଉପରେ ଗାଁ ମାଟି ନଟକାର ବିଷୟବସ୍ତୁ ଉପସ୍ଥାପନା କରିଛନ୍ତି । ଅନ୍ଧବିଶ୍ୱାସ ଓ କୁସଂସ୍କାରଗ୍ରସ୍ତ ଗ୍ରାମୀଣ ସମାଜରେ ବ୍ୟାପୀ ଥିବା ହଇଜା ମହାମାରୀକୁ ବାଡ଼ିଠାକୁରାଣୀ ବୋଲି କହିଥାନ୍ତି । ବିଭିନ୍ନ ଉପାୟରେ ପୂଜାଅର୍ଚ୍ଚନା କରିଥାନ୍ତି ଏବଂ ତା ବିରୁଦ୍ଧରେ ଇଞ୍ଜେକ୍ସନ ନେଲେ, ସେ କାହାକୁ ଛାଡ଼ିବେ ନାହିଁ ବୋଲି ସ୍ୱାର୍ଥନ୍ୱେଷୀ ଲୋକେ ଗାଁରେ ସମସ୍ୟା ସୃଷ୍ଟି କରିଛନ୍ତି । ମାତ୍ର ଗ୍ରାମବାସୀଙ୍କୁ ରକ୍ଷା କରିବା ପାଇଁ ନାଟ୍ୟକାର ନାୟକ ଉଚ୍ଚଶିକ୍ଷିତ ଶ୍ୟାମସୁନ୍ଦର ତାଙ୍କ ବନ୍ଧୁମାନଙ୍କ ସହିତ ମିଶି ପରିବେଶ ପରିଚ୍ଛନ୍ନତା, ଇଞ୍ଜେକ୍ସନ ପ୍ରଦାନ ଏବଂ ଶୁଦ୍ଧ ଜଳପାନ ଉପରେ ଗୁରୁତ୍ୱ ଦେଉଥିବା ବେଳେ ଜଟିଆ, ହଟିଆ, ନେତି ପରି ମୂର୍ଖ ତଥା ସ୍ୱାର୍ଥପରମାନେ ଏହାକୁ ବାଡ଼ିଠାକୁରାଣୀ କହି ପ୍ରଚାର କରିଛନ୍ତି । ପରବର୍ତ୍ତୀ ସମୟରେ ହେଲ୍ଥ ଇନ୍ସପେକ୍ଟର ଆସି ଜବରଦସ୍ତ ଇଞ୍ଜେକ୍ସନ ଦେଇଛନ୍ତି । ଉନ୍ନତ ପ୍ରଣାଳୀରେ ଚାଷ, ପୌଢ଼ଶିକ୍ଷା, ପଶୁ ସୁରକ୍ଷା, ରାସ୍ତାଘାଟ ନିର୍ମାଣ ଏବଂ ମାଛଚାଷ ଇତ୍ୟାଦି ଦ୍ୱାରା ଗ୍ରାମର ବିକାଶ ହେବ କଥା ବର୍ଣ୍ଣିତ । ବାସ୍ତବରେ ଗାଁରେ ବସତି ସ୍ଥାପନ କରୁଥିବା ସମସ୍ତ ଶ୍ରେଣୀର ବ୍ୟକ୍ତିଙ୍କ ଅକ୍ଳାନ୍ତ ଉଦ୍ୟମରେ ଗାଁ ମାଟିକୁ ସମୃଦ୍ଧ କରିବାର ବାର୍ତ୍ତା ଏହି ନାଟକର ଅନ୍ତସ୍ୱର ।

କମଳଲୋଚନଙ୍କର 'କିରାଣୀ' ନାଟକ ଏକ ଅନ୍ୟତମ ସଫଳ ନାଟକ । ନାଟ୍ୟକାର କିରାଣୀ ଜୀବନର ଯେଉଁ ମର୍ମନ୍ତୁଦ ନିବେଦନା ମହଜୁଦ କରାଇ 'କିରାଣୀ' ନାଟକର ପର୍ଯ୍ୟାୟ ପରିସରରେ ତଥା ପର୍ଯ୍ୟାୟ ପରିମାଣରେ, କିରାଣୀଟିକୁ କଡ଼ା କ୍ରାନ୍ତିରେ ହିସାବ-ନିକାଶରେ ନିଖାରିଛନ୍ତି, ଉଖାରିଛନ୍ତି, ତାହାହିଁ ପ୍ରତ୍ୟେକ ଦର୍ଶକ ତଥା ପରବର୍ତ୍ତୀ ପର୍ଯ୍ୟାୟର ପ୍ରତ୍ୟେକ ଆଦର୍ଶ ପାଠକ-ପ୍ରାଣକୁ ଯେପରି ଦ୍ରବୀଭୂତ କରାଏ, ସେପରି ସ୍ତମ୍ଭୀଭୂତ କରାଏ । ତାହାହିଁ 'କିରାଣୀ' ନଟକାର ପ୍ରତି ପୃଷ୍ଠାର କରୁଣ କାର୍ଯ୍ୟକ୍ରମ । ଏଥିରେ ଏକ ମଧ୍ୟବିତ୍ତ କିରାଣୀ ଜୀବନର ଦୁଃସ୍ଥ ଅର୍ଥନୈତିକ ବ୍ୟବସ୍ଥାର ବାସ୍ତବ ବର୍ଣ୍ଣନା ଦେଖିବାକୁ ମିଳେ । ଏଥିରେ ଶାସନତନ୍ତ୍ରର ମେରୁଦଣ୍ଡ ରୂପେ ବିବେଚିତ କିରାଣୀ ଜୀବନର ଦୁଃଖ ଓ ନିର୍ଯାତନାର ଏକ ନଗ୍ନ ଓ ବାସ୍ତବ ଚିତ୍ର ପ୍ରଦତ୍ତହୋଇଅଛି । ଦୁନିଆର ବଡ଼ଦାଣ୍ଡରେ ଧର୍ମକୁ ସାକ୍ଷୀରଖି ଯିଏ ନିଜ କର୍ତ୍ତବ୍ୟ ପଥରେ ଆଗେଇବ ତାକୁ ନାନା ଦୁଃଖ କଷ୍ଟ ସହିବାକୁ ପଡ଼ିଥାଏ ଯାହାକି ନାଟକରେ 'ଗୁରୁପଦ' ଚରିତ୍ର ମାଧ୍ୟମରେ ଦର୍ଶାଯାଇଛି । ଗୁରୁପଦ ବାବୁ ସମାଜ ଆଖିରେ ବଡ଼ବାବୁ ହେଲେ ମଧ୍ୟ ଦାରିଦ୍ର୍ୟର କଷାଘାତରେ ତାଙ୍କ ପରିବାରକୁ ଉପବାସ ରହିବାକୁ ପଡେ । ଏ ଉପବାସ କେବେ ଗୁରୁପଦ ବାବୁଙ୍କ ନୁହେଁ ସମଗ୍ର କିରାଣୀ ଜୀବନର । ଅଭାବ ଅନଟନରେ କିରାଣୀ ସନ୍ତୁଳିତ ହେଉଥିଲେ ମଧ୍ୟ ଅନ୍ୟ ପାଖରେ ନିଜର ବ୍ୟକ୍ତିତ୍ୱକୁ ଜଳାଞ୍ଜଳି ଦିଏ ନାହିଁ । ପୁଅ ରମେଶ ବାପାଙ୍କର ଅଭାବ ଓ ବଞ୍ଚିବା ପାଇଁ ସଂଘର୍ଷ ରମେଶର ମନକୁ କାବୁ କରିପାରି ନାହିଁ । କଳାକାର ରମେଶ ଚରିତ୍ର ମାଧ୍ୟମରେ ନାଟ୍ୟକାର ଶିଳ୍ପୀ ସମାଜକୁ ଚେତାବନୀ ଶୁଣାଇଛନ୍ତି । ନିଜର ତଥା ପରିବାରର ସୁଖକୁ ବିସ୍ମୃତି ଗର୍ଭରେ ହଜାଇ ଦେଇ ଗଦାଗଦା ଫାଇଲ ମଧ୍ୟରେ ବୁଡ଼ି ରହିଛନ୍ତି ଗରିବ କିରାଣୀ, କିନ୍ତୁ ଉପର ହାକିମର ଇଚ୍ଛା ମୁତାବକ ଜଗି ନ ଚଳିଲେ ଅଫିସରର ବିଷ ଦୃଷ୍ଟିର ପାତ୍ର ହୁଏ ସେ । ଏହି ନଗ୍ନ ଘଟଣାକୁ ନାଟ୍ୟକାର ଦୁର୍ନୀତି ବିଭାଗର ମୁଖ୍ୟ ଅଫିସର ଅଜିତଙ୍କର ମୁଖା ଖୋଲିଦେଇ ଅସଲ ରୂପକୁ ବାହାରେ ପ୍ରକାଶ କରି ଦେଇଛନ୍ତି ।

ନାଟ୍ୟକାର ଏହି ନାଟକ ରଚନା ସମ୍ପର୍କରେ କୁହନ୍ତି:- "ଶିକ୍ଷିତ, ଅର୍ଦ୍ଧଶିକ୍ଷିତ, ଅଶିକ୍ଷିତ ଯୁବକଯୁବତୀଙ୍କୁ ସାମୁଏଲ ଲେଖକର କଞ୍ଚା, ଦଦରା, ଶୁଣା, ଅଶୁଣା ପିଣ୍ଡକୁ ନେଇ ରୂପ ଦିଅନ୍ତି, ଜୀବନ ଦିଅନ୍ତି, ସରସ କରନ୍ତି, ଦର୍ଶକ ମନରେ ସୃଷ୍ଟି କରନ୍ତି ହସ କାନ୍ଦର

ଅଲେଖ୍ୟ । ଜାତିର ରଙ୍ଗମଞ୍ଚ ସମୃଦ୍ଧ ହୁଏ । ଲେଖକ ସୃଷ୍ଟି ହୁଅନ୍ତି । ଲୋକେ ଉପଭୋଗ କରନ୍ତି । କିନ୍ତୁ ରୁହନ୍ତି ସେମାନେ ଦର ଉପବାସୀ । ଅଥଚ ରୋଲ୍ ସରଏ କାର୍ ଚଢ଼ି 'ଫାଇଭଫିଫ୍ଟି ସିଗାରେଟ ଟାଣି ଆମ ଦେଶର ଧନୀଲୋକେ 'ଫ୍ରାନ୍ସରେ ଆଗ ସିଟଗୁଡ଼ିକ ମଣ୍ଡନ କରି ପରିବାର ସହିତ ଉପଭୋଗ କରନ୍ତି । ଆମ ଦେଶରେ ଏହିଭଳି ଏକ ଶିଳ୍ପୀ ସଂଗଠନ ପାଇଁ ଲେଖିଲି 'କିରାଣୀ' ।"(୩) ତେଣୁ ଯେଉଁ ଅଫିସର ଶହ ଶହ କିରାଣୀ ଜୀବନର ଭାଗ୍ୟ ଡୋରିକୁ ଧାରଣ କରି କଣ୍ଢେଇ ଖେଳ ଆରମ୍ଭ କରେ, ଦୁର୍ନୀତି ନିବାରଣ ଅଫିସର ମୁଖ୍ୟ ହୋଇ ଦୁର୍ନୀତିର ଚରମସୀମାରେ ପହଞ୍ଚିପାରେ, କଳାବଜାରୀମାନଙ୍କୁ ଉତ୍ସାହିତ କରି ବେଶ୍ ହାତଛଡ଼ା ପାଏ । ନିରୀହ କିରାଣୀ ମାନଙ୍କର ଝିଅର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ଆଦିମ ପିପାସାକୁ ଚରିତାର୍ଥ କରେ ତା'ର ମୃତ୍ୟୁ ଅଜିତ ଅଫିସର ଭଳି ହେବା ଉଚିତ୍ ।

'ସ୍ୱାମୀ ସ୍ତ୍ରୀ' ନାଟକଟି ଏକ ପାରିବାରିକ ନାଟକ । ସର୍ବୋପରି ନାରୀ ଜୀବନକୁ କେନ୍ଦ୍ରକରି ନାଟକ ପରିକଳ୍ପନା କରାଯାଇଛି । ସନ୍ତାନବତୀ ହେବାପାଇଁ ବନ୍ଧ୍ୟାନାରୀର ଆକୁଳ ଆର୍ତ୍ତନାଦ ଏହି ନାଟକକୁ ଏକାନ୍ତ ଜୀବନ୍ତ କରିଛି । 'ସ୍ୱାମୀ ସ୍ତ୍ରୀ' ନାଟକରେ ବିଷୟବସ୍ତୁରେ ଅଭିନବତ୍ୱ ରକ୍ଷାକରି ଏହାର ପ୍ରଖ୍ୟାପନରେ ଭାରତୀୟ ପରଂପରା ଓ ହିନ୍ଦୁ ବୈବାହିକ ଜୀବନର ଆଦର୍ଶ ପ୍ରତି ଚମତ୍କାର ଭାବେ ଏକ ଚରମ ଲକ୍ଷ୍ୟ ହେଲା ଏକ ପତ୍ନୀ-ବ୍ରତ । ହିନ୍ଦୁ ଦାମ୍ପତ୍ୟ ଜୀବନର ସମସ୍ତ ସୁଖ-ସମ୍ଭୋଗ-ଐଶ୍ୱର୍ଯ୍ୟ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ପରସ୍ପର ପ୍ରତି ସ୍ନେହ ସୌହାର୍ଦ୍ଦ୍ୟ ଉପରେ ନିର୍ଭର କରେ । ଏହି କାରଣରୁ ହିନ୍ଦୁ ଧର୍ମରେ ସ୍ୱାମୀକୁ ଦେବତା ରୂପେ କଳ୍ପନା କରାଯାଇଛି । ଗୋଟିଏ ସ୍ତ୍ରୀ ପାଇଁ ଦୁଇଟି ବା ଗୋଟିଏ ସ୍ୱାମୀ ପାଇଁ ଦୁଇଟି ସ୍ତ୍ରୀ, ଏକ ଆଦର୍ଶ ଦାମ୍ପତ୍ୟ ଜୀବନ ପାଇଁ ଆଦୌ ସ୍ପୃହଣୀୟ ନୁହେଁ । ଦାମ୍ପତ୍ୟ ଜୀବନର ବିଭ୍ରାଟ, ସଂଘର୍ଷ ଓ ବିପର୍ଯ୍ୟୟ ପାଇଁ ଯେତେ କାରଣ ଦାୟୀ ତା'ମଧ୍ୟରେ ଅନ୍ୟତମ କାରଣ ହେଲା ପୁରୁଷର ଏକପତ୍ନୀ-ଗ୍ରହଣ । ପ୍ରଥମ ଅଙ୍କ ଦ୍ୱିତୀୟ ଦୃଶ୍ୟରେ ନିଃସନ୍ତାନବତୀ ସ୍ତ୍ରୀ ରାଗିଣୀ ଗୋଟିଏ ସନ୍ତାନ ନିମନ୍ତେ ଦ୍ୱିତୀୟ ପତ୍ନୀ ଗ୍ରହଣ ପାଇଁ ନିଜ ସ୍ୱାମୀ ସୁକାନ୍ତକୁ ଯେଉଁ ପରାମର୍ଶ ଦେଇଛନ୍ତି, ତା'ର ଉତ୍ତରରେ ନାଟ୍ୟକାର ସୁକାନ୍ତର ମୁଖରେ ଯାହା କହିଛନ୍ତି ତାହା ବାସ୍ତବ ଅଟେ । ଦ୍ୱିତୀୟ ପତ୍ନୀର ଉପସ୍ଥିତିରେ ଦାମ୍ପତ୍ୟ ଜୀବନର କି ଭୟାବହ ପରିସ୍ଥିତି ସୃଷ୍ଟି ହେବ ସେ ସମ୍ପର୍କରେ ସତର୍କ କରାଇ ଦେଇ ସୁକାନ୍ତ କହିଛି:-

"ଆଉଥରେ ବିବାହ କରି ଏ ଘରକୁ ଗୋଟିଏ ସଉତୁଣୀ ଆଣିବ ? ରାଗୀ ଶୁଣିଚ, ଦଶରଥଙ୍କ ଅବସ୍ଥା ? ଜାଣିଛ, ରାମଚନ୍ଦ୍ରଙ୍କ ବନବାସ କଥା ? ସଉତୁଣୀ ଜ୍ୱାଳାରେ ଦୁନିଆ ଜାଳିଯାଏ ରାଗୀ... ! ସବୁ ପୋଡ଼ି ଭସ୍ମ ହୋଇଯାଏ ।"(୪) ଶେଷରେ ବଂଶରକ୍ଷା ପାଇଁ ରାଗିଣୀ ଜିଦ୍ ଧରି ବସିଛି । ତେଣୁ ଅନିଚ୍ଛା ସତ୍ତ୍ୱେ ସୁକାନ୍ତ ପୁଷ୍ପାକୁ ଦ୍ୱିତୀୟ ପତ୍ନୀ ରୂପେ ଗ୍ରହଣ କରିଛି ।

ଉକ୍ତ ନାଟକରେ ନାଟ୍ୟକାରଙ୍କର ନାଟ୍ୟାଦର୍ଶ ଲକ୍ଷ୍ୟକଲେ ଦେଖିବା ଯେ, ଦାମ୍ପତ୍ୟ ଜୀବନର ବିପର୍ଯ୍ୟୟ ଓ ଭୟାବହତାକୁ ଚମତ୍କାର ଭାବେ ରୂପ ଦେଇଛନ୍ତି । ଦୁଃଖ ବିହୁନେ ସୁଖର ବା ଅନ୍ଧକାର ଅଭାବରେ ଆଲୋକର ଚମତ୍କାରିତା ଉପଲବ୍ଧି କରିହେବ ନାହିଁ । ଏହି ବିପରୀତଧର୍ମୀ ଅନୁଭୂତି ସାହାଯ୍ୟରେ ସୁଖ ଓ ଦୁଃଖ, ଆଲୋକ ଓ ଅନ୍ଧାର ମଧ୍ୟରେ ଥିବା ପାର୍ଥକ୍ୟକୁ ଉପଲବ୍ଧି କରିହୁଏ । ତେଣୁ ନାଟ୍ୟକାର କମଳଲୋଚନ, ସୁକାନ୍ତର ଜୀବନରେ ଏକପତ୍ନୀ ଏବଂ ଦୁଇପତ୍ନୀ ସମ୍ବଳିତ ଦାମ୍ପତ୍ୟ ଜୀବନର ଏକ ତୁଳନାତ୍ମକ ଚିତ୍ର ପ୍ରଦାନ କରି ନିଜର ଆଭିମୁଖ୍ୟ ଓ ଆଦର୍ଶକୁ ସାବ୍ୟସ୍ତ କରିଛନ୍ତି । ଏହି ଦୃଷ୍ଟିରୁ ଓଡ଼ିଆ ନାଟ୍ୟକଳାର ସମସ୍ତ ବିଭବକୁ ବହନ କରି 'ସ୍ୱାମୀ ସ୍ତ୍ରୀ' ନାଟକ ଯେ ଓଡ଼ିଆ ନାଟ୍ୟ ଜଗତରେ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଛି ତାହା ମୁକ୍ତ କଣ୍ଠରେ ସ୍ୱୀକାର କରିବାକୁ ହେବ ।

କମଳଲୋଚନଙ୍କ 'ଡାକବଙ୍ଗଳା' ଏକ ପ୍ରଖ୍ୟାତ ରାଜନୈତିକ ଚେତନା ମୂଳକ ନାଟକ । ଗଣତାନ୍ତ୍ରିକ ରାଷ୍ଟ୍ରରେ ପ୍ରତି ପାଞ୍ଚବର୍ଷରେ ହେଉଥିବା ନିର୍ବାଚନ, ନିର୍ବାଚନ ବେଳେ କ୍ଷମତାସୀନ ରାଜନୈତିକ ଦଳର ମନ୍ତ୍ରୀମାନଙ୍କର ପ୍ରତିଶ୍ରୁତି ଏବଂ ସେହି ପ୍ରତିଶ୍ରୁତିରେ ଆସ୍ଥା ରଖି ଦେଶର ଜନତା ସେମାନଙ୍କୁ ଭୋଟ ଦେଇ କ୍ଷମତାସୀନ କଲାପରେ ଯେପରି ଭାବେ ପ୍ରତାରିତ ହେଉଛନ୍ତି, ତା'ରି ଏକ ନିଛକ ଚିତ୍ର ସେ ଡାକବଙ୍ଗଳା ନାଟକରେ ଦେଖାଦେଇଛି । 'ଡାକବଙ୍ଗଳା' ସରକାରୀ ଅଫିସରମାନଙ୍କର ଏକ ବିଶ୍ରାମଗାର ସତ କିନ୍ତୁ ସାଂପ୍ରତିକ ରାଜନୈତିକ ନେତା, ଡାଉଟର, ଯୁବନେତା, ଠିକାଦାର ମାନଙ୍କର ଏକ ମିଳନ ସ୍ଥଳ । ସାଧାରଣତଃ ଏଠାରେ ରାଜନୈତିକ ତଥା ବ୍ୟକ୍ତିଗତ ସ୍ୱାର୍ଥସାଧନ ପାଇଁ ନାନା

ହୀନଚିନ୍ତା କରାଯିବ ସହିତ ତାକୁ କାର୍ଯ୍ୟକାରୀ କରାଇବାରେ ଉପାୟ ସ୍ଥିରୀକୃତ ହୋଇଉଠେ ଯାହାକୁ କି ଅତି ଚମତ୍କାର ଭାବରେ ନାଟ୍ୟକାର ଲୋକଲୋଚନାକୁ ଆଣିଛନ୍ତି । ଆଜିର ଦୁନିଆରେ ଗଣତନ୍ତ୍ର ବ୍ୟକ୍ତିତନ୍ତ୍ରରେ ପରିଣତ ହୋଇଛି । ନିର୍ବାଚନ ସମୟରେ ନେତାମାନେ ସାଧାରଣ ଜନତାଙ୍କୁ କେତେକ ଫମ୍ପା ପ୍ରତିଶ୍ରୁତି ଶୁଣାଇଥାନ୍ତି । ଭୋଟ ପୂର୍ବରୁ ଜନସାଧାରଣଙ୍କୁ ଦେଇଥିବା ସାହାଯ୍ୟ ଓ ସହଯୋଗର ପ୍ରତିଶ୍ରୁତି କେବଳ ପ୍ରତିଶ୍ରୁତି ହୋଇ ରହିଯାଏ । ଏପଟେ ସାଧାରଣ ଲୋକମାନେ ଅବହେଳିତ ହେଉଥିବା ବେଳେ ଗାଁର ଟାଉଟରମାନେ ନିଜକୁ ସମାଜର ବଡ଼ପଣ୍ଡା ମନେକରି ମନ୍ତ୍ରୀମାନଙ୍କର ନିକଟତର ହୋଇ ବେଶ୍ ଅର୍ଥ, କ୍ଷମତା ତଥା ପ୍ରିୟାପ୍ରୀତିଠାରୁ ଆରମ୍ଭ କରି ଯାବତୀୟ ଫାଇଦା ଉଠାଇବାରେ ଲାଗିପଡ଼ିଥାନ୍ତି । ଏହି ଧରଣର ନଗ୍ନଚିତ୍ରର ସଫଳ ରୂପାୟନ ହୋଇଛି 'ଡାକବଙ୍ଗଳା' ନାଟକରେ ।

ଶ୍ରୀଯୁକ୍ତ ମହାନ୍ତି ଏହି ନାଟକଟିକୁ ଲେଖିଥିଲେ ୧୯୫୮ରେ । ଅଥଚ ସେତେବେଳେ କ୍ଷମତାସୀନ ମନ୍ତ୍ରୀ ଗୋଷ୍ଠୀ ଯାହା କରୁଥିଲେ, ଏବେବି ସେହି ଦଳର ଉତ୍ତରାଧିକାରୀମାନେ କମା ଫୁଲଷ୍ଟପ୍ ସହିତ ତାକୁଇ ଅବୃତ୍ତି କରି ଚାଲିଛନ୍ତି । ପୁଣି ଏ ପୁନରାବୃତ୍ତି ଯେ ପୁରୁଷାନୁକ୍ରମେ ଆଗାମୀ ଶହ ଶହ ନିର୍ବାଚନ ପାଇଁ କ୍ଷମତାସୀନ ଦଳର ଏକ ଅଭ୍ୟାସଗତ ନିର୍ବାଚନରେ ପରିଣତ ନ ହେବ, ତା' ବା କିଏ କହିବ ? ଡ.ମାୟାଧର ମାନସିଂହ ଏହାକୁ ଏକ ଜାତୀୟ ଘା' ବୋଲି କହିଛନ୍ତି:- "ଡାକବଙ୍ଗଳାରେ ସେ ଏକ ବ୍ୟାପକ ସାମାଜିକ ବ୍ୟାଧିକୁ ରୂପରେଖ ଦେବାକୁ ଚେଷ୍ଟା କରିଛନ୍ତି । ଯଥେଷ୍ଟ ଭାବରେ ସିଦ୍ଧିଲାଭ କରିଛନ୍ତି ସେ ଦିଗରେ । ଦୁର୍ନୀତି ଓ ଦୁଃଶାସନରେ ଦେଶ ଦୁର୍ଗନ୍ଧମୟ ହୋଇ ଉଠିଲାଣି ବୋଲି କୁହାଯାଉଛି । ବ୍ୟକ୍ତି ଓ ଦଳର ସୁବିଧା ପାଇଁ ସମଗ୍ର ଜନତାର ଦୈନନ୍ଦିନ ଜୀବନ ଆଜି ଜଞ୍ଜାଳମୟ । ତରୁଣ କମଳଲୋଚନ ଯେ ସାହସର ସହିତ କେତୋଟି ଜାତୀୟ ଘା' ଉପରେ ଆଙ୍ଗୁଠି ରଖି, କଦର୍ଯ୍ୟ ପୂଜରକ୍ତର ଅବସ୍ଥିତି ସମ୍ବନ୍ଧରେ ଆମକୁ ଜାଗ୍ରତ କରିବାକୁ ଅବସର ଦେଲେ, ସେଥିପାଇଁ ସେ ପ୍ରକୃତରେ ଧନ୍ୟବାଦର ପାତ୍ର ।"(୫) ପ୍ରଖ୍ୟାତ ଟାଉଟର ବିଶି ଦାସ ଓ କାନଗୋଇ ଉଭୟ ଶାସକ ଓ ବିରୋଧିଦଳଙ୍କଠାରୁ ପର୍ଯ୍ୟାପ୍ତ ଫାଇଦା ଉଠାଇଛନ୍ତି । ସାଂପ୍ରତିକ ଯୁଗରେ ଗରିବ ଝିଅ ସମସ୍ତଙ୍କ ଲୋଲୁପ ଦୃଷ୍ଟିର ଶିକାର ହୋଇଥାଏ । ମନ୍ତ୍ରୀମାନଙ୍କର ବଢୁଥିବା ଦୁର୍ନୀତିକୁ ଲଗାମ ଦେବାପାଇଁ ସାଧାରଣ ଜନତାଙ୍କ ମୁହଁରେ ବିପ୍ଳବର ବାଣୀ ଶୁଣାଇଛନ୍ତି । ମନ୍ତ୍ରୀଙ୍କର ଅଭିଭାଷଣକୁ ସେହି ସଭାସ୍ଥଳରେ ବିଦ୍ରୂପ କରି ସମବେତ ଶ୍ରୋତା ମଣ୍ଡଳୀକୁ ଶୁଣେଇ ଶୁଣେଇ ଆଦର୍ଶ ଚରିତ୍ର ବିବେକା କହିଛି:- "ଓହୋ ଏଗୁଡ଼ା କଣ ଅତଡ଼ା ପକାଇଦେଲେ । କିହୋ, ଗୁଣ୍ଡଦୁଧ ତ ଦେଲ । ଗାଁରେ କୂଅ ଖୋଳି ପାଣି ତ ଦେବ ଆଉ ଦୁଧର ଅଭାବ ରହିବା କାହିଁକି ? ଆଉ ମହୁ, ମହୁଟା ଭାରି ମିଠା । ସେ ମିଠା ଚାଖିବ ପାଇଁ ଆହୁରି ତିନି ତିନିଟା ଯୋଜନା ଦରକାର । ଏକା ଥରକେ ତିନିଟା ଯୋଜନା ପାଇଁ ପନ୍ଦର ବର୍ଷର କାମ ଗୋଟିଏ କାଗଜରେ କରିଦେଲେ ତ ନାଟ ଯାଆନ୍ତା ।"(୬) ସେଦିନ ଜଣେ ଭୋଟର ମୁହଁରେ ଯେଉଁ ବିଦ୍ରୂପର ଭାଷା ଶୁଣା ଯାଇଥିଲା, ଆଜିକା ଭୋଟର ମୁହଁରେ ବି ତାହାର ଅବିକଳ ଉଚ୍ଚାରଣକୁ ବିଚାର କରି ବସିଲେ ନାଟ୍ୟକାର ଶ୍ରୀଯୁକ୍ତ ମହାନ୍ତି ଜଣେ ଦୂରଦର୍ଶୀ ନାଟ୍ୟକାର ଭୂମିକାରେ କିପରି ବିପ୍ଳବବାଦୀ, ତାହା ନିର୍ଭୁଲ ଭାବେ ପ୍ରତିପାଦିତ ହୁଏ । ନାଟ୍ୟକାର ବିବେକ ହାତରେ ବନ୍ଧୁକ ଧରାଇ ଦେଇ ଦୁର୍ନୀତିଗ୍ରସ୍ତ ଶାସକଗୋଷ୍ଠୀ ବିରୁଦ୍ଧରେ ଯେଉଁ ବିପ୍ଳବର ଆହ୍ୱାନ ଶୁଣାଇଛନ୍ତି, ତାହା ଏକ ବିଦ୍ରୋହର ଝଡ଼ ଡାକି ଆଣିବାରେ ଫଳପ୍ରଦ ହେବାର ଦାବି ରଖେ, ଏଥିରେ କୌଣସି ସନ୍ଦେହ ନାହିଁ ।

ଯୁଗାଯନ୍ତ୍ରଣାର ଅଲେଖ୍ୟ ନେଇ 'ଆଜାଦୀ' ନାଟକଟି । ଏଥିରେ ଛଦ୍ମବେଶୀ ସାମାଜିକ ମଲାଙ୍ଗମାନଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରି ଲେଖକ ସାବଧାନୀ ଶୁଣାଇବାକୁ ଭୁଲି ନାହାନ୍ତି । ସ୍ୱାଧୀନତା ପ୍ରାପ୍ତିପରେ ଦିନ, ମାସ, ବର୍ଷ ହୋଇ ଅଗଣିତ ବର୍ଷ ଓ ସମୟ ଅତିବାହିତ ହୋଇ ଯାଇଥିଲେ ମଧ୍ୟ ମଣିଷର ସର୍ବନିମ୍ନ ଆବଶ୍ୟକତା ପୂରଣ ହୋଇପାରିନାହିଁ । ସ୍ୱାଧୀନୋତ୍ତର ଭାରତର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ବ୍ୟବସ୍ଥାର ନଗ୍ନଚିତ୍ରକୁ ନାଟକରେ ରୂପ ଦିଆଯାଇଛି । ସ୍ୱାଧୀନତା ପରବର୍ତ୍ତୀ ସମୟରେ ପାଶ୍ଚାତ୍ୟ ଢାଞ୍ଚାରେ ଗଢ଼ି ଉଠିଥିବା ଭାରତୀୟ ସଭ୍ୟତା ମଣିଷକୁ ଅନଃସାରଶୂନ୍ୟ ତଥା ବିକଳାଙ୍ଗ କରିଦେଇଛି । ମଣିଷ ସ୍ୱାର୍ଥପର ହୋଇ ନିଜର ମାନସିକତାକୁ ହରାଇ ବସିଛି । ସବୁଆଡ଼େ ସ୍ୱେଚ୍ଛାଚାର, ଶୋଷଣ, ପୀଡ଼ନ ଓ ଦୁର୍ନୀତି । ସବୁଆଡ଼େ ନ୍ୟାୟ ନାମରେ କେବଳ ଅନ୍ୟାୟ ମୁଣ୍ଡଟେକି ଉଠିଛି । ରଘୁବୀର ଜଣେ ସ୍ୱାଧୀନତା ସଂଗ୍ରାମୀ ମାତ୍ର, ସ୍ୱାଧୀନତା ପରବର୍ତ୍ତୀ ସମୟରେ ସେ

ଅବହେଳିତ । ରଘୁବୀର ସ୍ତ୍ରୀ ଆସନ୍ନ ପ୍ରସବା, ମାତ୍ର ତା' ପାଇଁ ସରକାରୀ ଡାକ୍ତରଖାନାରେ ସିଟ୍‌ଟିଏ ମିଳେନି । ରଘୁବୀରର ଭାଇ ରମାନାଥ ଭଲ ଛାତ୍ର ହୋଇଥିଲେ ବି ପଇସା ଅଭାବରୁ ପରୀକ୍ଷା ଦେବାରୁ ବଞ୍ଚିତ ହୁଏ । ଡକ୍ଟର ମିସ୍ ପଟ୍ଟନାୟକ ସେବା କରିବା ନାମରେ ରୋଗୀକୁ ଶୋଷଣ କରି ପଇସା ରୋଜଗାର କରନ୍ତି । ଆଜାଦୀ ସରକାର ବକ୍ତୃତା, ସମ୍ବର୍ଦ୍ଧନା, ସଂଗୀତ, ଅଭିଭାଷଣ ଓ କରତାଳିରେ ହିଁ ସୀମିତ ଯାହାକୁ ସାଧାରଣ ଲୋକ ଶୁଣି ଶୁଣି ଆଜାଦୀ ପାଇଯିବେ ବୋଲି ରଘୁ କହେ । ଏତିକି କୁହାଯାଇପାରେ ଯେ 'ଆଜାଦୀ' ନାଟକ ହେଉଛି ସେହି ସମୟରେ ରଚିତ ହୋଇଥିବା ଓଡ଼ିଆ ନାଟକ କ୍ଷେତ୍ରରେ ଏକ ସଫଳ ବ୍ୟତିକ୍ରମ । କାରଣ ପ୍ରାକ୍ ସ୍ୱାଧୀନତା କାଳରେ ଏହି ଧରଣର ବିଷୟବସ୍ତୁକୁ ନେଇ ଅନେକ ନାଟକ ରଚିତ ହୋଇଛି । କିନ୍ତୁ ସ୍ୱାଧୀନତା ପରେ ସମାଜରେ ଦେଖା ଦେଇଥିବା ଅରାଜକତା ନାଟ୍ୟକାରଙ୍କୁ ବହୁତ ଦୁଃଖ ଦେଇଛି । ଯେଉଁଥିପାଇଁ ନାଟ୍ୟକାର ସିଧାସଳଖ ଜଣେ ସ୍ୱାଧୀନତା ସଂଗ୍ରାମୀକୁ ନାଟକର ନାୟକ କରି ତା'ରି ମାଧ୍ୟମରେ ସ୍ୱାଧୀନତାର ସ୍ୱପ୍ନଭଙ୍ଗ ଜନିତ ହତାଶାକୁ ନାଟକରେ ଉପସ୍ଥାପିତ କରିଛନ୍ତି । ସମ୍ଭବତଃ ସେହି ସମୟରେ ଏହା ହେଉଛି ଗର୍ବ ଏବଂ ଗୌରବର ବିଷୟ ।

ନାଟ୍ୟକାର କମଳଲୋଚନ ମହାନ୍ତିଙ୍କ ଏକ ସଫଳ ପାରିବାରିକ ବିଷୟବସ୍ତୁ ଆଧାରିତ ସାମାଜିକ ନାଟକ ହେଉଛି 'ଭାଇଭଉଣୀ' ପାରିବାରିକ ଜୀବନରେ ଦେଖା ଦେଇଥିବା ବିଭିନ୍ନ ସମସ୍ୟାକୁ ନାଟ୍ୟକାର ଏଥିରେ ରୂପାୟିତ କରିଛନ୍ତି । ଭାଇ ପାଇଁ ଭଉଣୀର ତ୍ୟାଗ ଏବଂ ଉତ୍ସର୍ଗୀକୃତ ଜୀବନ ହିଁ ଏହି ନାଟକର ପ୍ରାଣକେନ୍ଦ୍ର । ନାଟକରେ ପାରିବାରିକ ସ୍ନେହ, ମମତା, ହସକାନ୍ଦର ଦୃଶ୍ୟ ରହିଛି ଏବଂ ତା'ସହିତ କୁଳବଧୂର ମର୍ଯ୍ୟାଦା ସମ୍ପର୍କୀୟ ବିଭିନ୍ନ ବାର୍ତ୍ତା ମଧ୍ୟ ନାଟ୍ୟକାର ସମାଜ ଆଗରେ ଉପସ୍ଥାପିତ କରିଛନ୍ତି ।

କମଳଲୋଚନ ମହାନ୍ତିଙ୍କ 'ମଣିଷ' ନାଟକରେ ମି.ରାୟଙ୍କ 'ରଘୁପତି ରାଘବ ରାଜାରାମ' ଗାନ କରିବା ନାଟ୍ୟକାରଙ୍କ ଗାନ୍ଧିବାଦୀ ଚିନ୍ତାଧାରାର ପରିଚାୟକ । ନାଟକଟିର ବିଷୟବସ୍ତୁରେ ନାଟ୍ୟକାରଙ୍କ ସାମ୍ୟବାଦୀ ସ୍ୱର ଝଙ୍କୃତ ହୋଇଛି । ଏହା ସହିତ ସମାଜରେ ସାମ୍ୟବାଦର ପ୍ରଚଳନ ପାଇଁ ଏଥିରେ ସଙ୍କେତ ଦିଆଯାଇଛି । ଯେଉଁଥିରେ କି ବିପ୍ଳବ ଅଛି କିନ୍ତୁ ବିରୋଧ ନାହିଁ । ବିଜୟ ଅଛି କିନ୍ତୁ ଅହମିକା ନାହିଁ ।

ମିଲ୍ ମାଲିକ ମି.ଦାସଙ୍କ ଭଉଣୀ ତୃପ୍ତି ସହିତ ଶ୍ରମିକ ନେତା ରମେଶର ଘନିଷ୍ଠତା, ପ୍ରତିଶୋଧ କାମନାରେ ରମେଶର ଭଉଣୀ ନନ୍ଦିତାର ଅପହରଣ ଏବଂ ଶେଷରେ ଶ୍ରମିକମାନଙ୍କ ଦାବୀ ନିକଟରେ ମାଲିକ ପକ୍ଷରେ ପରାଜୟ ହେଉଛି ନାଟକର ବିଷୟବସ୍ତୁ । କଳାକାର ଓ ମିଲ୍ ମାଲିକ ଜୀବନର ତାରତମ୍ୟ ମଧ୍ୟ ସ୍ପଷ୍ଟ ହୋଇଉଠିଛି । ଏହି ନାଟକରେ ନାଟ୍ୟକାର ଯେଉଁ ଆଦର୍ଶ ସମାଜ ସଚେତନତା ସୃଷ୍ଟି କରିବାକୁ ଚାହିଁଛନ୍ତି, ତାହାର ସାରମର୍ମ ହେଉଛି ମଣିଷର ସୁଖଭୋଗଠାରୁ ତାର ସ୍ୱାତନ୍ତ୍ରତା ଆଉ ସ୍ୱଧର୍ମ ପାଳନ ଅଧିକ ମୂଲ୍ୟବାନ । ମଣିଷ ଚିନ୍ତାରେ, କାର୍ଯ୍ୟରେ ମଣିଷ ପରି ଆଚରଣ କରୁ, ଏହା ନାଟ୍ୟକାରଙ୍କ କାମନା । ଧନସମ୍ପଦ ତଥା ରକ୍ତପାତଠାରୁ ନିଜକୁ ଦୂରେଇ ରଖି ମଣିଷ ଗଢୁ ପ୍ରେମ ଓ ସ୍ନେହର ଏକ ନୂଆ ଦୁନିଆ । ଏହା ନାଟ୍ୟକାରଙ୍କ ଆହ୍ୱାନ । ମଣିଷ ଜୀବନରେ ସାର୍ଥକତା କେବଳ ନିଜେ ବଞ୍ଚିବାରେ ନାହିଁ, ଅନ୍ୟକୁ ବଞ୍ଚାଇବାରେ ଅଛି । ତେଣୁ ଧନ ଓ କ୍ଷମତା ଲୋଭରେ ଅନ୍ଧ ନହୋଇ ଏବଂ ବୃଥା ସଂଘର୍ଷରେ ନ ମାତି ମନୁଷ୍ୟ ଗଢ଼ିବା ଦରକାର ଏକ ନୂଆ ଦୁନିଆ ଯାହାର ମୂଳଭିତ୍ତି ହେବ ସାମ୍ୟ, ମୈତ୍ରୀ, ପ୍ରେମ ଓ ଅହିଂସା । ଏହା ହେଉଛି ନାଟ୍ୟକାରଙ୍କର ଉଦ୍ଦେଶ୍ୟ, ନାଟ୍ୟକାର ଏହି ନାଟକରେ ଗାନ୍ଧିବାଦ, ସାମ୍ୟବାଦ ଓ ଗଣତନ୍ତ୍ରର ଏକ ତୁଳନାତ୍ମକ ବିଚାର କରିଛନ୍ତି ।

ନାଟ୍ୟକାର କମଳଲୋଚନ ମହାନ୍ତିଙ୍କ 'ସନ୍ତାନ' ନାଟକରେ ନାରୀର ଅସଫଳ ମାତୃତ୍ୱ ଘଟଣା ଉପରେ ଆଲୋକପାତ କରିଛନ୍ତି । ନାଟ୍ୟକାର ନାୟିକା ପ୍ରତିମାର ମାତୃତ୍ୱ ପାଇଁ ଆକୁଳ ଆର୍ତ୍ତନାଦ, ଦୁର୍ଦ୍ଦମନୀୟ ବ୍ୟାକୁଳତା, ମାନସିକ ପ୍ରତିକ୍ରିୟା ଉପରେ ନାଟକର ଭିତ୍ତି ସ୍ଥାପନ କରିଛନ୍ତି । ଭୂତପୂର୍ବ ଜମିଦାରଙ୍କ ବିଧବା ପତ୍ନୀ ରାଧିକାଙ୍କର ଏକମାତ୍ର ନାତି ପ୍ରଶାନ୍ତ, ଯିଏ କି ଜମିଦାର ବଂଶର ଉତ୍ତରାଧିକାରୀ । ପ୍ରଶାନ୍ତ ଶାନ୍ତ ଏବଂ ରୂପବନ୍ତ । ତା'ର ସ୍ତ୍ରୀ ହେଉଛି ପ୍ରତିମା, ମାତ୍ର ସେ ବାଂଝ । ସେଥିପାଇଁ ଜେଜେମାଙ୍କ ଠାରୁ ନାନା ପ୍ରକାର ଭର୍ତ୍ସନା ତାକୁ ସହିବାକୁ ପଡ଼ିଛି । ବାସ୍ତବରେ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ଚରିତ୍ରମାନଙ୍କୁ ଅତି ଦକ୍ଷତାର ସହିତ ଏହି ନାଟକରେ ବିଶ୍ଳେଷଣ କରାଯାଇଛି । ମାନସିକ ଦ୍ୱନ୍ଦ୍ୱ ଭିତରେ ନାଟକଟି ଅଗ୍ରଗତି

କରିଛି । ଏଥିରୁ ନାଟ୍ୟକାରଙ୍କ ଅଭିଜ୍ଞ ଶୈଳୀ ଓ ବଳିଷ୍ଠ ଲେଖନୀର ପରିଚୟ ମିଳିଥାଏ ।

'ମଣିକାଞ୍ଚନ' ନାଟକ ମାଧ୍ୟମରେ ନାଟ୍ୟକାର ହିନ୍ଦୁ ସମାଜରେ ବିବାହ ପ୍ରଥାର କୁପରିଣାମ ଦର୍ଶାଇ ସାମାଜିକ ଜୀବନରେ ପ୍ରେମର ସ୍ୱରୂପ ଉଦ୍ଘାଟନ କରିଛନ୍ତି । ଏଠି ଧନୀ ଦରିଦ୍ର, ଜାତି-ଅଜାତିର ବିଚାର ନଥାଏ । କାରଣ ପ୍ରେମ ନିକଟରେ ଧନ-ମାନ-ରୂପର ବିଚାର ନଥାଏ । ଶାଶ୍ୱତୀ ମିଳନର ରାଗିଣୀ ଉଭୟ ଯୁବକ ଯୁବତୀଙ୍କଠାରେ ବୟସର ଚପଳତା ଭିତରେ ଦେଖାଦେବା ସ୍ୱାଭାବିକ । ପ୍ରେମର ନିବେଦନରେ ଯେତେ ଝଡ଼ ଆସିଲେ ମଧ୍ୟ ତାହା ମିଳନର ରାତି ପର୍ଯ୍ୟନ୍ତ ଉଭୟେ ଉଭୟଙ୍କ ପାଇଁ ଜାଗର ଉଜାଗର ରହିଥାନ୍ତି । ଯାହା ପ୍ରମାଣିତ ହୋଇଛି ମଣିଆ ଓ କାଞ୍ଚନ ଜୀବନରୁ । ଭୋଗ ଅପେକ୍ଷା ତ୍ୟାଗର ମହନୀୟତା ପ୍ରେମ ନିକଟରେ ଶ୍ରେଷ୍ଠ । ନାଟ୍ୟକାର ଲକ୍ଷ୍ମୀ ଚରିତ୍ର ମାଧ୍ୟମରେ ଭୋଗ ଓ ତ୍ୟାଗର ଆଦର୍ଶ ଉପରେ ବାଖ୍ୟା କରିଛନ୍ତି । ଏହା ସହିତ ନାଟକର ଅନ୍ୟାନ୍ୟ ଚରିତ୍ରମାନେ ମଧ୍ୟ ଗ୍ରାମୀଣ ଭିତ୍ତିଭୂମିରୁ ଜନ୍ମଲାଭ କରି ସମସ୍ୟାଜନିତ ସଂସାରରେ ଜୀବନ ବିତାଇଛନ୍ତି । ତେଣୁ ହିନ୍ଦୁଧର୍ମର ଅନ୍ଧବିଶ୍ୱାସରେ ଭାସି ନ ଯାଇ ଯୁଗୋପଯୋଗୀ ବିବାହ ସଂସ୍କାର ନିର୍ମାଣ ବାଞ୍ଛନୀୟ । ନଚେତ୍ ମଣିକାଞ୍ଚନ ଭଳି ଦୁଃଖ ଦୁର୍ଦ୍ଦଶାର ସମ୍ମୁଖୀନ ହେବାକୁ ପଡ଼ିବ । ଏହାହିଁ ହେଉଛି ନାଟ୍ୟକାରଙ୍କ ଅଭିମତ ।

କମଳଲୋଚନ ମହାନ୍ତିଙ୍କ ଦ୍ୱାରା ରଚିତ 'ସାବତ ମା' ନାଟକ ହେଉଛି ଏକ ସାମାଜିକ ନାଟକ । ପ୍ରତ୍ୟେକ ଓଡ଼ିଆ ପରିବାର ପାଇଁ ଶିକ୍ଷଣୀୟ ଏବଂ ଏକ ସୁନ୍ଦର ସୃଷ୍ଟି ହେଉଛି 'ସାବତ ମା' ନାଟକର ବିଷୟବସ୍ତୁ । ଏଥିରେ ସନ୍ନିବେଶିତ ହୋଇଥିବା ଆଦର୍ଶ ଚରିତ୍ର ଭାବରେ ପୂର୍ଣ୍ଣ ଓ ସୁନ୍ଦରୀ ଚରିତ୍ର ଦ୍ୱୟ ଅତ୍ୟନ୍ତ ମନଛୁଆଁ ଏବଂ ମାନସିକ ଆଦର୍ଶର ବହୁ ଉଚ୍ଚରେ । ଗଦାଧର ଓ ପୂର୍ଣ୍ଣ ରାମଲକ୍ଷ୍ମଣ ପରି ଦୁଇଭାଇ । ଗଦାଧରଙ୍କ ପତ୍ନୀ ଉମା ପୁତ୍ରବତ୍ ସ୍ନେହ କରୁଥିଲେ ପୂର୍ଣ୍ଣକୁ । କେବଳ ପୂର୍ଣ୍ଣ ନୁହେଁ, ଚାକର ନବାଠାରୁ ଆରମ୍ଭ କରି ଆଚାର ବିକାଳି ପର୍ଯ୍ୟନ୍ତ ସମସ୍ତେ ତାଙ୍କ ସ୍ନେହର ଡୋରିରେ ବନ୍ଧାଥିଲେ । ମାତ୍ର ବିଧିର ବିଧାନ ବିଚିତ୍ର । ପୁଅଟିଏ ଜନ୍ମ କରି ଉମାଦେବୀଙ୍କର ତିରୋଧାନ ହୋଇଯାଏ । ସମସ୍ତେ ଦୁଃଖରେ ଭାଙ୍ଗିପଡ଼ନ୍ତି । ହଠାତ୍ ସୁନାର ସଂସାର ଚୁରମାର ହୋଇଯାଏ । ପରବର୍ତ୍ତୀ ସମୟରେ ସାବତ ମା'ର ପରିବର୍ତ୍ତନ ଘଟେ, ନିଜର କୃତକର୍ମ ପାଇଁ ଅନୁତପ୍ତା ମା'ର ହୃଦୟକୁ ଦେଖି ସମସ୍ତେ ବିଚଳିତ ହୋଇଉଠନ୍ତି । ନାଟକର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ନାଟ୍ୟୋତ୍କଣ୍ଠାକୁ ବଜାୟ ରଖି ଦର୍ଶକଙ୍କୁ କରୁଣ ରସାଣିତ ପରିବେଶରେ ବାନ୍ଧି ରଖିବା ପାଇଁ ନାଟ୍ୟକାରଙ୍କ ଚେଷ୍ଟା ଯଥାର୍ଥରେ ଗ୍ରହଣଯୋଗ୍ୟ । ଦର୍ଶକ ସମ୍ମୁଖରେ ଘଟିଯାଇଥିବା ଘଟଣାଗୁଡ଼ିକ ଅତ୍ୟନ୍ତ ଜୀବନ୍ତ ଓ ବାସ୍ତବ ଯାହାକି ନିଷ୍ଠୁର ପ୍ରାଣରେ ମାନସିକ ସମ୍ବେଦନଶୀଳତା ଜାଗ୍ରତ କରାଇଥାଏ । ଏହା ହେଉଛି ନାଟ୍ୟକାର କମଳଲୋଚନ ମହାନ୍ତିଙ୍କ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ।

ଗ୍ରାମୀଣ ପରିବେଶକୁ ନେଇ ତଥା ବ୍ୟକ୍ତିଗତ ଜୀବନାନୁଭୂତିକୁ ନେଇ ରଚିତ ଏକ ସାମାଜିକ ନାଟକ ହେଉଛି 'ସୁବର୍ଣ୍ଣପୁର' । ଗ୍ରାମୀଣ ସଭ୍ୟତାରେ ଦେଖା ଦେଉଥିବା ଶୋଷଣ ବିରୁଦ୍ଧରେ ଗଣ ଅଭିଯାନର ସ୍ୱରୂପକୁ ଏହି ନାଟକରେ ଦର୍ଶାଯାଇଛି । ଜମିଦାରୀ ପିଆଦା ବିଶିଦାସ ହେଉଛି ନାଟକର ଖଳନାୟକ । ବିଶିଦାସର ଦୁର୍ବୁଦ୍ଧି ଓ କୌଶଳ ବଳରେ ସୁବର୍ଣ୍ଣପୁରର ସମସ୍ତେ ଆକ୍ରାନ୍ତ ହୋଇଥାନ୍ତି । ଦର୍ଶକ 'ବିଶିଦାସ' ପାଇଁ ମୂଳରୁ ଯେଉଁ ଘୃଣା ବ୍ୟଞ୍ଜନାରେ ନାସିକା କୁଞ୍ଚନ କରିଥାଏ, ତାହା ନାଟକର ଉତ୍ତରାର୍ଦ୍ଧରେ ନିଜର ବୁଦ୍ଧି ଓ ବିବେକର ଚମତ୍କାର ସାଲିସ୍ ପାଇଁ ଆଗ୍ରହ ସୃଷ୍ଟି କରିଥାଏ । ନାଟକର ନାୟିକା ହେମ ଏକ ମହୀୟସୀ ନାରୀ । ତା ମୁହଁରେ ସବୁବେଳେ ମାତୃଭୂମି ପ୍ରୀତିର ମମତ୍ୱବୋଧ । ନିଜ ଗାଁ, ଭାଇ, ବନ୍ଧୁ ଓ ପ୍ରେମିକକୁ ନେଇ ସର୍ବଦା ବ୍ୟସ୍ତ । ଏହି ଚେତନା ଭିତରେ ଗାନ୍ଧୀବାଦୀ ପ୍ରେମ-ପରାୟଣ ମନୋବୃତ୍ତି ହିଁ ମୁଖ୍ୟ । ଯେଉଁ ସେବା ବଳରେ ସେ ସମାଜର ଲୋକମାନଙ୍କ ହୃଦୟର ଏକ ନିର୍ମଳତା ଆଶା କରାଯାଇଥାଏ ସେ ପରିବର୍ତ୍ତନ ହେଉଛି କୁସଂସ୍କାର ବିରୁଦ୍ଧରେ ନୀରବତାର ଏକ ଆହ୍ୱାନ । ଅନ୍ୟପକ୍ଷରେ ନାଟକରେ ବାଲ୍ୟବିବାହ ପ୍ରଥା । ଯୌତୁକ ସମସ୍ୟା, ସମାଜର ପ୍ରାଚୀନ ରୁଚିବୋଧ ଓ ଧ୍ୟାନ ଧାରଣା ସମ୍ପର୍କରେ ଗୋଟିଏ ଗୋଟିଏ ଅଭିଯାନ ଆରମ୍ଭ କରାଯାଇଛି । ଏହା ବ୍ୟତୀତ ଜାତୀୟତାବାଦୀ ଚେତନାର ଉଗ୍ରରୂପ ସହିତ ସାମାଜିକ ଚିନ୍ତା ଓ ଚେତନାର ନାଟକଟି ବଳିଷ୍ଠ ହୋଇପଡ଼ିଛି ।

'ପାପପୁଣ୍ୟ' ନାଟକ କମଳଲୋଚନଙ୍କର ଏକ ପ୍ରଚାରଧର୍ମୀ ନାଟକ । ଏହି ନାଟକରେ ପରିବାର ନିୟନ୍ତ୍ରଣ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ଉଦ୍ଦିଷ୍ଟ ତଥା ଦୁଇଟି ପରିବାରକୁ କେନ୍ଦ୍ରକରି

ଗଢ଼ିଉଠିଛି ପାପପୁଣ୍ୟ ନାଟକର କଥାବସ୍ତୁ । ବଡ଼ ଭଉଣୀ ସୀତା ଓ ସୁରେନ୍ଦ୍ରଙ୍କ ପରିବାରର ସଭ୍ୟ ସଂଖ୍ୟା ଆବଶ୍ୟକତା ଠାରୁ ଯଥେଷ୍ଟ ବେଶୀ । ପରିବାର ନିୟନ୍ତ୍ରଣ ଯୋଜନାକୁ ନିଜର କଲ୍ୟାଣବୋଧ ଭାବରେ ଗ୍ରହଣ ନକରି ଏକ ବହୁଜନ ସମସ୍ୟା ବହୁଳ ପରିବାର ସୃଷ୍ଟିକରି ଚାଲିଛନ୍ତି ମୁଖ୍ୟ ନାୟକ ସୁରେନ୍ଦ୍ର । କିନ୍ତୁ ସୁରେନ୍ଦ୍ରର ସାନଭାଇ ସୁକାନ୍ତ ଶିକ୍ଷିତ, ଶୃଙ୍ଖଳ ଏବଂ କର୍ତ୍ତବ୍ୟ ପରାୟଣ ଓ ସଚେତନ ମଣିଷଟିଏ । ସୁରେନ୍ଦ୍ରର ତିନୋଟି ଛୁଆଙ୍କର ଲାଳନପାଳନ କରିବା ପାଇଁ ସଂକଳ୍ପ କରିଛି । ନାଟ୍ୟକାର ଏହି ନାଟକରେ ସୁକାନ୍ତ ଚରିତ୍ରର ମହନୀୟତାକୁ ଅତ୍ୟନ୍ତ ତୀକ୍ଷଣ ସଂକଳ୍ପ ମାଧ୍ୟମରେ ପରିବେଷଣ କରିବା ସହିତ ତାରି ମୁଖରେ ପରିବାର ନିୟନ୍ତ୍ରଣର ବାର୍ତ୍ତାକୁ ଦର୍ଶକମାନଙ୍କ ପାଖରେ ପହଁଞ୍ଚାଇଛନ୍ତି । ଗୋଟାଏ ପଟରେ ପାପ ଏବଂ ଅନ୍ୟ ପଟରେ ପୁଣ୍ୟ ଅର୍ଥାତ୍ ସୁରେନ୍ଦ୍ର ଓ ସୁକାନ୍ତର ଚରିତ୍ରର ମାଧ୍ୟମରେ ନାଟକର ଭାବବସ୍ତୁକୁ ପରିକଳ୍ପନା କରାଯାଇଛି ।

କମଳଲୋଚନଙ୍କର 'ମିସ୍ ମଲ୍ଲିକ' ନାଟକଟି ହେଉଛି ଏକ ପ୍ରୟୋଗବାଦୀ ନାଟକ । ଭାରତର ଗଣତାନ୍ତ୍ରିକ ନୀତିନିୟମକୁ ଉଲଙ୍ଘନ କରି ସମାଜର ସମ୍ଭ୍ରାନ୍ତ ଶ୍ରେଣୀୟ ବ୍ୟକ୍ତିମାନେ କିପରି ଦୁର୍ନୀତି, ଭ୍ରଷ୍ଟାଚାର କରି ଚାଲିଛନ୍ତି ତାର ଏକ ନମୁନା ଏହି ନାଟକରେ ଦେଖିବାକୁ ମିଳେ । ସ୍ୱାଧୀନତା ପ୍ରାପ୍ତି ପରେ ପରିବର୍ତ୍ତିତ ସାମାଜିକ ପରିବେଶ ସଂଗ୍ରାମୀ ବ୍ୟକ୍ତିମାନଙ୍କୁ ଅଣନିଃଶ୍ୱାସୀ କରିଦେଇଛି । ସେମାନେ ହତୋତ୍ସାହ ହୋଇ ପଡ଼ିଛନ୍ତି । ସ୍ୱାଧୀନତା ପାଇଁ ଜୀବନ ଦେଇ ଯେଉଁମାନେ ସଂଗ୍ରାମ କରିଥିଲେ, ସରକାରଙ୍କ ନିକଟରୁ ପେନସନ୍ ପାଇବା ପାଇଁ ସେମାନଙ୍କୁ ଦରଖାସ୍ତ ଦେବାକୁ ପଡୁଛି । ତାହା ପୁଣି ପଞ୍ଚାୟତ ସମିତି ମେମ୍ବରଙ୍କ ସୁପାରିଶ କ୍ରମେ ଏହାଠାରୁ ବଳି ଲଜ୍ଜାକର ବିଷୟ ଆଉ କ'ଣ ହୋଇପାରେ । ଏହାବ୍ୟତୀତ ସରକାରୀ ଅର୍ଥକୁ ଆତ୍ମସାତ୍ କରୁଥିବା ଚରିତ୍ରହୀନ ବି.ଡ଼ି.ଓ.ଙ୍କୁ ମଧ୍ୟ ଖୋଲାଖୋଲି ଭାବେ ଚ୍ୟାଲେଞ୍ଜ କରିଛନ୍ତି ନାଟ୍ୟକାର କମଳଲୋଚନ ମହାନ୍ତି । ଏହି ନାଟକ ସତ୍ୟକୁ ପ୍ରକାଶ କରେ, ନେତା ଓ ଅଫିସର ହୋଇ ଯାଇଛନ୍ତି ଗଣତାନ୍ତ୍ରିକ ଭାରତବର୍ଷର ଦୁଇ ସୋଦର ଭାଇ । ଉଭୟଙ୍କ ଚକ୍ରାନ୍ତ ଓ ଶୋଷଣରେ ଜନତା ବିକଳ ଓ ବିଧ୍ୱସ୍ତ । ସମାଜ କଲ୍ୟାଣ ନାମରେ ଚାଲିଛି କେବଳ ବ୍ୟକ୍ତିଗତ ସ୍ୱାର୍ଥ ସାଧନ । ତେଣୁ ନାଟକରେ ନାଟ୍ୟକାର କହିଛନ୍ତି- 'ଏ ଯୁଗର ଧର୍ମ ହେଲା ନିର୍ଲଜତା, ଉଲଗ୍ନତା ହେଲା ସଭ୍ୟତା, ଓ ଅନ୍ୟକୁ ସମ୍ମାନ ନ କରିବା ହେଲା ପ୍ରଗତି ।"(୭) ଏହି ନାଟକ ମାଧ୍ୟମରେ ନାଟ୍ୟକାର ନାରୀଜାତିକୁ ସହାନୁଭୂତି ପ୍ରଦାନ କରିଛନ୍ତି । ପତି ପ୍ରାଣତା ନିରୂପମା ପତି ମଦ୍ୟପ ରାଜେନ୍ଦ୍ରଙ୍କ ନିର୍ଦ୍ଦୟତାର ଯେଉଁ ଚିତ୍ର ଦିଆଯାଇଛି ତାହା ଆଜି ସମଗ୍ର ଭାରତୀୟ ପରିବାରରେ ନିତିଦିନିଆ ଦୃଶ୍ୟ ହୋଇଉଠିଛି ।

'ମିସ୍ ମଲ୍ଲିକ' ନାଟକର ପ୍ରଧାନ ବିଶେଷତ୍ୱ ହେଉଛି ନାଟକୀୟ ଉତ୍କଣ୍ଠା । ପ୍ରତ୍ୟେକ ଦୃଶ୍ୟରେ ଦର୍ଶକ ଉତ୍କଣ୍ଠାର ସହିତ ମଞ୍ଚକୁ ଚାହିଁ ରହିଥାଏ ଅସାମାନ୍ୟ ସୁନ୍ଦରୀ ମିସ୍ ମଲ୍ଲିକକୁ ଦେଖିବା ପାଇଁ । କାରଣ ସେହି ସୁନ୍ଦରୀଙ୍କ ପ୍ରେମରେ ପଡ଼ି ରାଜେନ୍ଦ୍ର ତା ପ୍ରିୟତମା ପତ୍ନୀ ନିରୂପମାକୁ ହତାଦର କରିଛି । କିନ୍ତୁ ନାଟକର ଶେଷ ଦୃଶ୍ୟ ପର୍ଯ୍ୟନ୍ତ ମିସ୍ ମଲ୍ଲିକ ଦର୍ଶକ ସାମନାକୁ ଆସିନାହିଁ । ଆସିଛି, ନାଟକ ଶେଷ ହେବାର ମାତ୍ର ଦୁଇ ତିନି ମିନିଟ୍ ପୂର୍ବରୁ, ତାହା ପୁଣି ତା'ର ମୃତଦେହ । ମିସ୍ ମଲ୍ଲିକ ନାଟକର ଉଚ୍ଛବ ଚରିତ୍ର ହେଉଛି ସବୁଠାରୁ ହେଉଛି ବଳିଷ୍ଠ ସୃଷ୍ଟି । ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସେ ଖୋଜିଛି, ପାଇଛି କେବଳ ହତୋତ୍ସାହର କରୁଣବାର୍ତ୍ତା । ସାମ୍ପ୍ରତିକ ସମୟରେ ଗଣତନ୍ତ୍ର ନାଁରେ ଏ ଦେଶର ଯେଉଁ ଫାର୍ସ ଚାଲିଛି, ଯେଉଁ ବ୍ୟଭିଚାର ଚାଲିଛି, ତା'ର ଅବସାନ କେବେ ହେବ ? ଏହି ଅପ୍ରତ୍ୟାଶିତ ଆଶା ହିଁ ଉଚ୍ଛବ ଚରିତ୍ରକୁ ମହାନ କରିଛି । ଯଥାର୍ଥରେ ନାଟକରେ ବଳିଷ୍ଠ ସଂଳାପ ସଂଯୋଜନା ଓ ଉପସ୍ଥାପନା ଶୈଳୀ ପାଇଁ ନାଟ୍ୟକାର ଯଶସ୍ୱୀ ହୋଇ ପାରିଛନ୍ତି ।

'ରାମରହିମ' ନାଟକ କମଳଲୋଚନଙ୍କ ଏକ ସଫଳ ନାଟକ । ହିନ୍ଦୁ-ମୁସଲମାନ ସମସ୍ୟା ଉପରେ କଥାବସ୍ତୁ ଆଧାରିତ । ସବୁ ଧର୍ମର ସାରତତ୍ତ୍ୱ ହେଉଛି ଏକ, ଏପରିକି ସବୁ ଧର୍ମର ଆରାଧ୍ୟ ଦେବତା ମଧ୍ୟ ଏକ, ଈଶ୍ୱର, ଆଲ୍ଲା, ଯୀଶୁ ସମସ୍ତେ ଏକ ଏବଂ ଅଭିନ୍ନ । ମଣିଷ ହେଉଛି କେବଳ ସ୍ୱାର୍ଥପର । ଅର୍ଥ ପାଇଁ, କ୍ଷମତା ପାଇଁ, ପ୍ରତିପତ୍ତି ପାଇଁ ସେ ଧର୍ମରୁ ଧର୍ମକୁ ଅଲଗା କରେ । ନିରୀହ ଜନସାଧାରଣଙ୍କ ରକ୍ତରେ ହୋରି ଖେଳେ । କେଉଁ ପ୍ରାଚୀନ କାଳରୁ ଧର୍ମକୁ ଆଧାର କରି ଏହି ସାମାଜିକ କନ୍ଦଳ ଲାଗି ରହିଛି । କିନ୍ତୁ ନାଟ୍ୟକାର ଏହାକୁ ସ୍ୱୀକାର କରି ନାହାଁନ୍ତି । ଯାହାର ଦୃଷ୍ଟାନ୍ତ ହେଉଛି ନାଟକର ମୁଖ୍ୟ ଚରିତ୍ର 'ଅମୀନ ଚାଚା' । ପାକିସ୍ଥାନୀ ମୁସଲମାନ

ହୋଇ ମଧ୍ୟ ସେ ହିନ୍ଦୁ ବ୍ରାହ୍ମଣ ଘରେ ମାଣବସାର ବ୍ୟବସ୍ଥା କରିଛି । କିନ୍ତୁ ଉଦାର ମହାନ ଋଷିମୁନିଙ୍କ ବଂଶରେ ଜନ୍ମ ହୋଇ ମିଶ୍ର ସାଜିଛି ହିଂସ୍ର ଏବଂ ପଶୁ । ଜଣେ ହିନ୍ଦୁ ବ୍ରାହ୍ମଣ ଆଉ ଜଣେ ସଚ୍ଚା ମୁସଲମାନ । ହେଲେ କାହାରି ଧର୍ମ ଆଚରଣରେ କେହି ବାଧା ଦିଅନ୍ତି ନାହିଁ । ଦୁଇବନ୍ଧୁଙ୍କ ପତ୍ନୀ କଲ୍ୟାଣୀ ଓ ମେହେରୁନ୍ ନିଶା । ଦୁହେଁ ଆସନ୍ନ ପ୍ରସବା । ଦୁହିଁଙ୍କର ଦୁଇଟି ପୁତ୍ର ସନ୍ତାନ ଜାତ ହୋଇଛନ୍ତି, ରାମ ଓ ରହିମ । ହସଖୁସିରେ ସେମାନଙ୍କ ଦିନ ବିତିଯାଇଛି । ଦୁଇ ସମ୍ପ୍ରଦାୟର ଲୋକେ ଯେ କି ଦିନେ ଭାଇଭାଇ ଭଳି ଚଳୁଥିଲେ, ସେମାନେ ରକ୍ତାକ୍ତ ସଂଗ୍ରାମକୁ ଓହ୍ଲାଇ ପଡ଼ନ୍ତି । ନିରୀହ ସାଧାରଣ ଲୋକେ ଏଥିରେ ବଳି ପଡ଼ନ୍ତି । ତା'ର ଶିକାର ହୁଅନ୍ତି ଅଜିଜ୍ ଓ ମେହେରୁନ୍ ନିଶା । ଛୋଟ ପୁଅ ରହିମ୍ କଲ୍ୟାଣୀ କୋଳରେ ସମର୍ପି ଦେଇ ମିହିର ଆଖି ବୁଜେ । ଅମିନ ଚାଚା କମଳେଶଙ୍କୁ ପାଠ ପଢ଼ାଇ ଇଞ୍ଜିନିୟର କରିଛି । କାହାରି ପ୍ରତି ତାର ରାଗ ନାହିଁ, ଈର୍ଷା ନାହିଁ, ଘୃଣା ନାହିଁ, ସତେ ଯେମିତି ଅମିନ ଚାଚା ପ୍ରେମ ଓ ସ୍ନେହର ଅନ୍ୟ ଏକ ରୂପ । କମଳେଶ ଓ ତାଙ୍କ ପତ୍ନୀ କଲ୍ୟାଣୀ ରାମ ଓ ରହିମ୍‌କୁ ମଣିଷ କରିଛନ୍ତି । ସର୍ବ ଧର୍ମର ସମନ୍ୱୟରେ ମାନବ ଧର୍ମ ହେଉଛି ସବୁଠାରୁ ଶ୍ରେଷ୍ଠ ଓ ମହତ୍ତର । ଏହାକୁ ନାଟ୍ୟକାର କମଳଲୋଚନ ମହାନ୍ତି ରାମରହିମ ନାଟକ ମାଧ୍ୟମରେ ପ୍ରମାଣିତ କରିଛନ୍ତି ।

କମଳଲୋଚନଙ୍କ 'ପିପାସା' ନାଟକ ପ୍ରାଚ୍ୟ ଓ ପାଶ୍ଚାତ୍ୟ ସଂସ୍କୃତିର ସଂଘର୍ଷ ନାଟକରେ ଉପଜୀବ୍ୟ ବିଷୟ । ପ୍ରେମ ବିବାହ, ବିବାହ ବିଚ୍ଛେଦ ଓ ପୁନର୍ବିବାହ ପ୍ରଥା ପରି ପାଶ୍ଚାତ୍ୟ ଚିନ୍ତାଧାରାକୁ ନାଟ୍ୟକାର ଗ୍ରହଣ କରି ପାରିନାହାନ୍ତି । ତାଙ୍କ ମତରେ, ପ୍ରେମ ବିବାହ ଚିରସ୍ଥାୟୀ ହୋଇ ରହିପାରେ ନାହିଁ । ପତିପତ୍ନୀ ଉଭୟ ଉଭୟଙ୍କୁ ସନ୍ଦେହ କରନ୍ତି । ସେଠାରୁ ଛାଡ଼ପତ୍ର ପ୍ରସଙ୍ଗ ଉଠିଥାଏ, କିନ୍ତୁ ପାଶ୍ଚାତ୍ୟ ସଂସ୍କୃତିର ଏହି ଚିନ୍ତା ଭାରତୀୟ ବାୟୁମଣ୍ଡଳକୁ ପ୍ରଭାବିତ କରିଛି ସିନା, ଏଠାରେ ସ୍ଥାୟୀ ହୋଇ ରହିପାରି ନାହିଁ । ବିବାହକୁ ଯେଉଁଠି ଜନ୍ମ ଜନ୍ମାନ୍ତରର ସମ୍ପର୍କ ଭାବରେ ସ୍ୱୀକାର କରାଯାଏ, ସେଠି କଣ୍ଟ୍ରାକ୍ଟମେରେଜ୍, ଛାଡ଼ପତ୍ର ବା ପୁନର୍ବିବାହ କଥା ଉଠିବ କେମିତି ? ପାଶ୍ଚାତ୍ୟ ସଂସ୍କୃତି ଭାରତୀୟ ପାଣି ପବନରେ ମିଶିବା ଏତେ ସହଜ ନୁହେଁ । ସୁବ୍ରତ ଓ ତନୁଜାଙ୍କ ଦାମ୍ପତ୍ୟ ଜୀବନରେ ଡ.ମହାନ୍ତି ଝଡ଼ ସୃଷ୍ଟି କରିଛନ୍ତି । ନିଜର ଯୌନ ପିପାସା ମେଣ୍ଟାଇବାକୁ ଉଦ୍ୟମ କରି ଶେଷରେ ଅନୁତପ୍ତ ହୋଇଛନ୍ତି । ଆଧୁନିକ ସମାଜର ଦୋଷ ଦୁର୍ବଳତାକୁ ନାଟ୍ୟକାର ବଡ଼ କଟୁ ଭାଷାରେ ସମାଲୋଚନା କରିଛନ୍ତି । ଛାଡ଼ପତ୍ରର ପରିଣତି କ'ଣ ତାକୁ ଅତି ଚତୁରତାର ସହିତ ନାଟ୍ୟକାର ସମାଜ ଆଗରେ ଖୋଲି ଦେଇଛନ୍ତି । ନାଟକର ଗତି, ପରିଣତି, ଆବେଗ ଓ ଉତ୍କଣ୍ଠା ରକ୍ଷା କରିବାରେ ନାଟ୍ୟକାର ଏହି ନାଟକରେ ନିଜକୁ ପ୍ରତିଷ୍ଠିତ କରି ପାରିଛନ୍ତି । ମନସ୍ତତ୍ତ୍ୱ ସମ୍ପର୍କରେ ସେ ବିଶେଷ ସଚେତନ ନଥିଲେ ମାତ୍ର ଜନତାର ମାନସିକତା ବୁଝିବା ପାଇଁ ସେ ଯଥା ସମ୍ଭବ ପ୍ରୟାସ କରିଛନ୍ତି । ତାଙ୍କ ନାଟକରେ ସମାଜର ଦୋଷ ଦୁର୍ବଳତା ଅସଙ୍ଗତି ଯେଉଁଭଳି ସ୍ପଷ୍ଟ ଭାବରେ ରୂପାୟିତ ହୋଇଛି, ସମାଧାନର ସୂତ୍ର ମଧ୍ୟ ସେହିଭଳି ଭାବରେ ପ୍ରଦତ୍ତହୋଇଛି । ପ୍ରେମ ବିବାହର ବିଫଳତା ସହିତ ଛାଡ଼ପତ୍ର ଯେ ଆମ ସଂସ୍କୃତିରେ ଉଧେଇ ପାରିବ ନାହିଁ ଏପରି ବିଚାର ରଖି ନାଟକ ଶେଷ ହୋଇଛି । ଅପର ପକ୍ଷରେ, ଡ.ମହାନ୍ତିଙ୍କ ପତ୍ନୀ ଅନାଥିନୀ ଦେବୀ ଅଧିକ ଯେ ଯୌତୁକ ଆଣି ବିବାହ କରି ମଧ୍ୟ ସ୍ୱାମୀ ସୋହାଗିନୀ ନ ହୋଇପାରି ପରିଶେଷରେ ଆତ୍ମହତ୍ୟା କରିଛନ୍ତି । ଦୀର୍ଘଦିନର ବିଷାଦ ଭାବନା ମଣିଷକୁ ଆତ୍ମହତ୍ୟା କରିବାକୁ ପ୍ରରୋଚିତ କରେ ବୋଲି ମନସ୍ତତ୍ତ୍ୱବିଦ୍‌ମାନେ କହନ୍ତି ।

ନାଟ୍ୟକାର କମଳଲୋଚନଙ୍କ 'ମାତୃମଙ୍ଗଳ କେନ୍ଦ୍ର' ନାଟକ ହେଉଛି ତାଙ୍କର ସାମାଜିକ ନାଟକ । ଏକ 'ମାତୃମଙ୍ଗଳ କେନ୍ଦ୍ର'କୁ ଆଧାର କରି ନାଟକର କଥାବସ୍ତୁ ପରିକଳ୍ପନା । ସାଧାରଣତଃ ମାତୃମଙ୍ଗଳ କେନ୍ଦ୍ରରେ କାମ କରୁଥିବା ଲେଡ଼ି ହେଲଥ୍ ଭିଜିଟରମାନଙ୍କୁ ଆମ ସମାଜ ଘୃଣ୍ୟ ଚକ୍ଷୁରେ ଦେଖେ । କିନ୍ତୁ ସେମାନଙ୍କଠାରୁ ଅଧିକ ମାତ୍ରାରେ ଚରିତ୍ରହୀନ ବାଳିକାମାନେ ପିତାଙ୍କ ଅର୍ଥ ଓ ପ୍ରତିପତ୍ତି ଯୋଗୁଁ କୁଳୀନ ପରିବାରର ବୋହୂ ହୋଇ ଯାଆନ୍ତି । ନାଟ୍ୟକାର ସମାଜର ଏହି ଜଟିଳ ସମସ୍ୟାକୁ ଏହି ନାଟକ ମାଧ୍ୟମରେ ରୂପାୟିତ କରିଛନ୍ତି । ସମାଜର ଧନୀ ଚରିତ୍ର ଭେଦ ଓ ଧନୀକ ଶ୍ରେଣୀର ଲୋକମାନଙ୍କ ଦୃଷ୍ଟିରେ ଦରିଦ୍ରର ଜୀବନ କିପରି ମୂଲ୍ୟହୀନ ତାହା 'ମାତୃମଙ୍ଗଳ କେନ୍ଦ୍ର' ନାଟକରେ ସୁନ୍ଦର ଭାବରେ ବର୍ଣ୍ଣିତ ହୋଇଛି ଏବଂ ଏହା ସହିତ ନାଟ୍ୟକାର କମଳଲୋଚନ ମହାନ୍ତି ଏହି ନାଟକରେ ମାନବବାଦର ଜୟଗାନ କରିଛନ୍ତି ।

'ସୁମିତ୍ରାର ସଂସାର' କମଳଲୋଚନଙ୍କ ଦ୍ୱାରା ରଚିତ ଏକ ସାମାଜିକ ନାଟକ । ଏହି ନାଟକଟି 'ବହୁ କୁଟୁମ୍ବୀ' ସମସ୍ୟା ଉପରେ ଆଧାରିତ । ପରୋକ୍ଷରେ ଏହା ଜନ୍ମ ନିୟନ୍ତ୍ରଣର ପ୍ରଚାର ଉପରେ ପର୍ଯ୍ୟବେସିତ । ନାଟ୍ୟକାର ଏଥିରେ ଅଧିକ ସନ୍ତାନ-ସନ୍ତତି ସମ୍ପନ୍ନ ଏକ କିରାଣୀ ପରିବାରର ଦୁଃଖକୁ ଅତି ଜୀବନ୍ତ ଭାବରେ ଉପସ୍ଥାପନ କରିଛନ୍ତି । ସୁମିତ୍ରା ହେଉଛନ୍ତି ଘରର ଘରଣୀ । ସ୍ୱାମୀ ରାମଚନ୍ଦ୍ର ଜଣେ ଡାଇବେଟିସ୍ ରୋଗୀ । ଭୋକ ବିକଳରେ ପିଲାମାନେ ବାପାଙ୍କ ପାଇଁ ଥିବା ରୁଟିକୁ ଖାଇ ଦିଅନ୍ତି । ଖାଲି ରୁଟି ନୁହେଁ ପାଉଁରୁଟି, ବିସ୍କୁଟ୍, ସାର୍ଟ, ପ୍ୟାଣ୍ଟ ସବୁଥିରେ ଘରେ କଳହ ଲାଗିରହେ । ରାମଚନ୍ଦ୍ରର ସାନଭାଇ ଲକ୍ଷ୍ମଣ । ଭାଇର ଛଅଟି ପିଲାକୁ ସେ ମଣିଷ କରିବ ବୋଲି ସେ ଅବିବାହିତ ରହିଛି । ଏକ ବିୟୋଗାନ୍ତକ ପରିସମାପ୍ତିରେ ନାଟକଟି ଶେଷ ହୋଇଛି ।

କମଳଲୋଚନଙ୍କ ଦ୍ୱାରା ରଚିତ 'ଆମ ଗାଁ' ନାଟକରେ ଗାଁ ଗହଳିର ବିଭିନ୍ନ ସମସ୍ୟାର ଏକ ନିଛକ ଚିତ୍ର ଦିଆଯାଇଛି । ସ୍ୱାଧୀନତା ପ୍ରାପ୍ତିର ବହୁବର୍ଷ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ଗାଁ ଗହଳିରେ ବିକାଶପୂର୍ଣ୍ଣ କାର୍ଯ୍ୟ ହେବା ପରିବର୍ତ୍ତେ ସରଳ ନିଷ୍କପଟ ବ୍ୟକ୍ତିମାନଙ୍କ ଉପରେ ଆଜି ମଧ୍ୟ ମହାଜନର ଦୌରାତ୍ମ୍ୟ, ଶୋଷଣ, ଅତ୍ୟାଚାରରେ କବଳିତ ଓ ଭୀତଗ୍ରସ୍ତ ଜୀବିକା ନିର୍ବାହ କରନ୍ତି । ଜମିବାଡ଼ି ଡ଼ିହ ବିକିବା, ଅନ୍ୟର ପ୍ରରୋଚନାରେ ପଡ଼ି ଜମି ବନ୍ଧକ ଦେବା, ଗାଁର ମେଳଣ, ଜାଲ ଦସ୍ତଖସ୍ତ ସଂଗ୍ରହ, ଝିଅ ବିଦାୟ, ଚାନ୍ଦା ଆଦାୟ ଟଙ୍କା ଆତ୍ମସାତ୍ କରିବା ଇତ୍ୟାଦି ବହୁବିଧ ସମସ୍ୟା ଗ୍ରାମୀଣ ପରିବେଶକୁ କଳୁଷିତ କରିଦେଇଛି । ଅର୍ଥାତ୍ ଆଜି ବି ରକ୍ଷକ ଭକ୍ଷକ ସାଜି ଆମ ଆଗରେ ବାହାସ୍ଫୋଟ ମାରୁଛି । ବ୍ୟାଙ୍କ ଜାତୀୟକରଣ, ସମବାୟ ଆନ୍ଦୋଳନ ଇତ୍ୟାଦି କାର୍ଯ୍ୟକୁ ନାଲି ଫିତାର ଶାସନ ଡୋରିରେ ଦିଲ୍ଲୀ ଠାରୁ ଭୁବନେଶ୍ୱରର ସରକାରୀ ଫାଇଲ୍ ଭିତରେ କେବଳ ପଡ଼ିରହିଛି କିନ୍ତୁ କାର୍ଯ୍ୟକାରୀ ହୋଇପାରୁ ନାହିଁ । ସୁବିଧାବାଦୀ ରାଜନେତାମାନେ ବିକାଶମୂଳକ ବିଭିନ୍ନ ଯୋଜନା ଓ ସ୍ୱାଧୀନତା ନାମରେ ଦେଶକୁ ଉଜାଡ଼ି ଦେଉଛନ୍ତି । ଲୋକେ ସର୍ବନିମ୍ନ ଆବଶ୍ୟକତା ଖାଇବାକୁ ମୁଠେ ଦାନା ଓ ପିନ୍ଧିବାକୁ ଖଣ୍ଡେ କନା ଓ ମୁଣ୍ଡ ଗୁଞ୍ଜିବାକୁ ଆବାସ ପାଇଁ ଆଶାୟୀ ହୋଇ ଉଠୁଥିଲାବେଳେ ଯୋଜନା ଉପରେ ଯୋଜନା ଚାଲିଛି ଏ ଦେଶରେ । ଯୋଜନା କ'ଣ ସେମାନେ ଜାଣନ୍ତିନି ଲେଖକଙ୍କ ମତରେ- "ହେ ପୁଅ, ସେଇଟା ସାପ କି, ବିଲେଇ, ହାତୀ କି ଘୋଡ଼ା, ମୋତେ ସେଥିରୁ କେଏନ ମିଳିବ ? ମୋତେ ଟିକେ ସହ ହୁଅ ।"(୮) ପ୍ରକୃତରେ ଗ୍ରାମୀଣ ସଭ୍ୟତା ଭିତରେ ଥିବା ଏହି ସମସ୍ୟା ଗୁଡ଼ିକ ଅଦ୍ୟାବଧି ମଧ୍ୟ ଦେଖିବାକୁ ମିଳେ । ନାଟ୍ୟକାର ଏହି ଚିରାଚରିତ ସମସ୍ୟାର ରୂପାୟିତ କରିବା ମୂଳରେ ନିଜେ କୃଷି ବିଭାଗର ଜନୈକ ପଦସ୍ଥ ଅଫିସର ହୋଇଥିବା ହେତୁ ଏବଂ କୃଷିକାରୀ ଲୋକଙ୍କ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସି ପାରୁଥିବା ହେତୁ ତଥା ରାଜଧାନୀରେ ବସବାସ କରୁଥିଲେ ହେଁ ଗାଁ ମାଟି ପ୍ରତି ପ୍ରଗାଢ଼ ମମତା ହେତୁ ଅତ୍ୟନ୍ତ ମର୍ମସ୍ପର୍ଶୀ ଭାବରେ ଏହି ସବୁ ସମସ୍ୟାକୁ ଉଠାଇବା ପାଇଁ ସକ୍ଷମ ହୋଇଛନ୍ତି ।

ଏହି ନାଟକରେ ଏକ ସମାଜବାଦୀ କୃଷି ବିକାଶମୂଳକ ସମାଜ ଗଠନ କରିବା ପାଇଁ ନୀରବ ଆହ୍ୱାନ ରହିଛି । ଦିଲ୍ଲୀ ଠାରୁ ପଲ୍ଲୀ ପର୍ଯ୍ୟନ୍ତ ସବୁଜ ବିପ୍ଳବକୁ ତ୍ୱରାନ୍ୱିତ କରିବା ପାଇଁ ଚେଷ୍ଟା କରାଯାଇଛି । ବ୍ୟାଙ୍କ ଗୁଡ଼ିକୁ ଜାତୀୟକରଣ କରାଯାଇ ମୁଣ୍ଡ ଝାଳ ତୁଣ୍ଡରେ ମାରି ଦୁନିଆକୁ ଆହାର ଯୋଗାଉଥିବା ଦେଶର କୃଷକ ମାନଙ୍କୁ ଚଷା ସରଞ୍ଜାମ କିଣିବା ପାଇଁ ଋଣର ବ୍ୟବସ୍ଥା ହୋଇଛି ବୋଲି କେବଳ କୁହାଯାଉଛି, କିନ୍ତୁ ତାହା କାର୍ଯ୍ୟକାରୀ ହେଉ ନାହିଁ । ସରକାରୀ ଫାଇଲ୍ ଭିତରେ କେବଳ ରହିଯାଉଛି । ତେଣୁ ଆବାଳ ବୃଦ୍ଧବନିତା ସଜାଗ ନହେଲେ, ସମସ୍ତଙ୍କ ପ୍ରାଣରେ ସମବେତ ଚେତନା ଜାଗ୍ରତ ନହେଲେ ମହାନ୍ ଭାରତରେ ଗଣତନ୍ତ୍ରର ସ୍ୱର କ୍ଷୀଣ ହେବା ସଙ୍ଗେ ସଙ୍ଗେ ସ୍ୱପ୍ନ ବିଫଳ ହେବ । ଏହି ଚେତନା ଓ ଉଦ୍ୟମକୁ ଗ୍ରାମବାସୀଙ୍କ ଜୀବନରେ ବାସ୍ତବ ରୂପରେଖ ଦେବା ସଙ୍ଗେ ସଙ୍ଗେ କାର୍ଯ୍ୟକାରୀ କରିବା ପାଇଁ ନାଟ୍ୟକାର ଶରତ ଓ କିଶୋର ଚରିତ୍ରର ରୂପାୟନ କରିଛନ୍ତି ।

'ଭାରତ ଆବିଷ୍କାର' ଏକ ଭିନ୍ନ ସ୍ୱାଦର ନାଟକ । ଜଣେ ନିର୍ଭୀକ ସମାଲୋଚକ ତଥା ସମାଜ ସଚେତନ ଶିଳ୍ପୀ ଭାବରେ ନାଟ୍ୟକାର ଆମ ଚତୁଃପାର୍ଶ୍ୱରେ ଘଟି ଯାଉଥିବା ଦୁର୍ନୀତ, ଭ୍ରଷ୍ଟାଚାର ଇତ୍ୟାଦିକୁ ଦମନ କରିବା ପାଇଁ ସଂଳାପ ମାଧ୍ୟମରେ ବ୍ୟଙ୍ଗୋକ୍ତି ପ୍ରକାଶ କରି ନାଟକଟିକୁ ପରିକଳ୍ପନା କରିଛନ୍ତି । ତାଙ୍କର ଦୃଷ୍ଟିଭଙ୍ଗୀ କୌଣସି ନିର୍ଦ୍ଦିଷ୍ଟ ଧାର୍ମିକ, ରାଜନୈତିକ ବା ସାମାଜିକ ସୀମା ସରହଦ ଭିତରେ ନିୟନ୍ତ୍ରିତ ନୁହେଁ ବରଂ ଜଣେ ଉଦାରଚେତା ସୁଦୂରପ୍ରସାରୀ

ଦୃଷ୍ଟି ନିୟନ୍ତ୍ରିତ ଓ ଧର୍ମନିରପେକ୍ଷ ଭାବେ ଆମେ ତାଙ୍କୁ ଦେଖିବାକୁ ପାଇ ପାରିବ ।

ପଣ୍ଡିତ ଜବାହରଲାଲ ନେହେରୁ ତାଙ୍କ ପ୍ରଣିତ 'ଭାରତ ଆବିଷ୍କାର' ପୁସ୍ତକରେ ଭାରତର ଯେଉଁ ମହାନ ସଂସ୍କୃତିମୟ ଐତିହ୍ୟର ବର୍ଣ୍ଣନା କରିଛନ୍ତି । ବର୍ତ୍ତମାନ ସେହି ଐତିହ୍ୟକୁ ଦେଶର ଉକ୍ଟ ଦାରିଦ୍ର୍ୟ, ବେକାର, ଦୁର୍ନୀତି, ପୁଞ୍ଜିବାଦୀ, ଅର୍ଥନୀତି, ଟାଉଟରୀ, ରାଜନୀତି ଓ ଅମଲାତନ୍ତ୍ର ଭ୍ରଷ୍ଟାଚାର ରାକ୍ଷସ ରୂପେ ଗ୍ରାସ କରିଛି । ଆମ ଦେଶରେ ଐତିହ୍ୟ ପରମ୍ପରା, ସଂସ୍କୃତି ପାଶ୍ଚାତ୍ୟ ଦେଶଠାରୁ ଅନେକାଂଶରେ ଭିନ୍ନ । ଅନ୍ୟାନ୍ୟ ସମସ୍ୟା ଅପେକ୍ଷା ଖାଦ୍ୟ ସମସ୍ୟା ହେଉଛି ଆମ ଦେଶରେ ଏକ ପ୍ରଧାନ ସମସ୍ୟା । ଶିଳ୍ପ, ବିଜ୍ଞାନ ଓ ଆର୍ଥିକ ଉତ୍କର୍ଷତାର ଶୀର୍ଷରେ ପହଞ୍ଚିଥିବା ଆମେରିକା ଦେଶର ନାଗରିକ ମି.ୱାଲଟନ୍, ଜନ୍, ଜେନି ଆଦି ସ୍ୱଦେଶରେ ଶାନ୍ତି ଖୋଜି ମଧ୍ୟ ପାଇପାରି ନାହାନ୍ତି । ଅଥଚ ଭାରତ ଭୂମିକୁ ଧାଇଁ ଆସିଛନ୍ତି ସତ୍ୟ ଓ ଶାନ୍ତିର ଅନ୍ୱେଷଣରେ । କିନ୍ତୁ ସେମାନେ ଦେଖିଛନ୍ତି ପୁଣ୍ୟଭୂମି ଭାରତରେ ଅନୀତିର କଳା କର୍ମକୁ । ଅର୍ଥ ପାଇଁ ରସିଦ ଓ ନୀଳମାଧବ ସମସ୍ତ ପ୍ରକାର ନୈତିକତାକୁ ଜଳାଞ୍ଜଳି ଦେବାପାଇଁ କୁଣ୍ଠା ପ୍ରକାଶ କରୁ ନାହାନ୍ତି । ଦୁର୍ନୀତିଗ୍ରସ୍ତ ଭାରତୀୟ ସମାଜର ଏହି ଶାସନ ବ୍ୟବସ୍ଥା ବିଦେଶୀ ୱାଲଟନଙ୍କୁ ଦୁଃଖ ଦେଇଛି । ପାଶ୍ଚାତ୍ୟ ଜଗତର ଚାକଚକ୍ୟ ଓ ଅତ୍ୟାଧୁନିକ ସଂସ୍କୃତିରେ ସେ ଅଣନିଃଶ୍ୱାସୀ ହୋଇ ଶାନ୍ତି ଓ ନିତ୍ୟ ସୁଖ ପାଇବାକୁ ଭାରତ ଭୂଇଁକୁ ଧାଇଁ ଆସିଥିଲେ । ମାତ୍ର ଏଠାରେ ସବୁ ଅନ୍ୟାୟ ଓ ଭ୍ରଷ୍ଟାଚାର ଦେଖି ହତୋତ୍ସାହିତ ହୋଇ ପଡ଼ିଛନ୍ତି । ଯେତେ ଅଭାବ ଅସୁବିଧା, ଦାରିଦ୍ର୍ୟ, ବାଧାବିଘ୍ନ ଆସିଲେ ମଧ୍ୟ ପବିତ୍ର ଗାନ୍ଧି, ବୁଦ୍ଧ ଓ ବିବେକାନନ୍ଦ ଦେଶରେ ଭାରତର ଆତ୍ମା ଯେପରି ଖଣ୍ଡ ବିଖଣ୍ଡିତ ନ ହୁଏ, ସେଥିପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି ଏବଂ ଜାତୀୟ ସଂହତି ରକ୍ଷା କରିବା ପାଇଁ ଚେତାବନୀ ଶୁଣାଇଛନ୍ତି । 'ଭାରତ ଆବିଷ୍କାର' ନାଟକରୁ ନାଟ୍ୟକାର କମଳଲୋଚନ ମହାନ୍ତିଙ୍କ ଗଭୀର ଜାତିପ୍ରାଣତାର ପରିଚୟ ମିଳେ ।

'ଘର ବାହୁଡ଼ା' ଏକ ସମସ୍ୟା ମୂଳକ ନାଟକ । ନାଟକରେ ବହୁକୁଟୁମ୍ବୀ ଚାକିରିଆ ଜୀବନର ଦୁଃଖଦୁର୍ଦ୍ଦଶା କଥା ବର୍ଣ୍ଣନା କରାଯାଇଛି । ସୁରେନ୍ଦ୍ର କୃଷି ବିଭାଗର ମୁଖ୍ୟ କିରାଣୀ । ଛଅଟି ପୁଅ ଝିଅକୁ ନେଇ ସେ ଭୁବନେଶ୍ୱର ସହରରେ ବାସ କରନ୍ତି । ତେଣୁ ଅଭାବର ପିଛା ତାକୁ ଛାଡେ ନାହିଁ । ଏପରିକି ଦୁଇବେଳା ଦୁଇମୁଠା ଖାଇବାକୁ ମଧ୍ୟ ଠିକ୍ ଭାବରେ ମିଳେ ନାହିଁ । ଗାଁରେ ରୁହନ୍ତି ସୁରେନ୍ଦ୍ରଙ୍କ କକା ଅପର୍ତ୍ତି । ସେ ଅବିବାହିତ ଏବଂ ରୋଗୀ, ରଘୁ ନାମକ ତାଙ୍କ ଭଣଜା ସେବା ଶୁଶ୍ରୁଷା କରେ । ସୁରେନ୍ଦ୍ର ତାଙ୍କ ଅଭାବୀ ସଂସାରକୁ ମୁକାବିଲା କରିବା ଲାଗି କକାକୁ କିଛି ଚାଉଳ ମାଗନ୍ତି କିନ୍ତୁ ନିରାଶ ହୋଇ ଫେରିବାକୁ ପଡେ ।

ଗୋଟିଏ ବଡ଼ ପରିବାରର ଦୁଃଖକୁ ନାଟ୍ୟକାର ଏହି ନାଟକରେ ସ୍ପଷ୍ଟ କରି ଦେଇଛନ୍ତି । ସୁରେନ୍ଦ୍ର ନିଜର କୌଣସି ପିଲାମାନଙ୍କୁ ଆକଟ କରିପାରି ନାହିଁ । ମାଉସୀ ଘର ଜନ୍ମଦିନ ଭୋଜି ଖାଇବାକୁ ଯାଇ ତାଙ୍କର ଜିନିଷପତ୍ର ଭଙ୍ଗାରୁଜା କରିବା ସହିତ ରେଡ଼ିଓ ଚୋରି କରିଛନ୍ତି । ଏହିସବୁ ଚିନ୍ତାରେ ସରେନ୍ଦ୍ର ରୋଗଗ୍ରସ୍ତ ହୋଇପଡ଼ିଛନ୍ତି । ଶେଷରେ ସମସ୍ତେ ଗାଁକୁ ଫେରି ଆସିଛନ୍ତି । ନାଟ୍ୟକାର କମଳଲୋଚନ ମହାନ୍ତି ଏହି ନାଟକରେ କୃଷି ଓ କୃଷକର ପ୍ରସଙ୍ଗକୁ ଉପସ୍ଥାପନା କରିବା ସହିତ କୋଠଚାଷ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । 'ଜୟ ଜବାନ୍ ଜୟ କିଶାନ୍' ମନ୍ତ୍ରକୁ ଉପଜୀବ୍ୟ କରି ନାଟକର ବିଷୟବସ୍ତୁକୁ ପରିକଳ୍ପନା କରାଯାଇଛି ।

'କଳାକାର' ନାଟକରେ କଳାକାର ଜୀବନରେ ଥିବା ଦୁଃଖ ଓ ଦୁର୍ଦ୍ଦଶାକୁ ନେଇ ନାଟକର ବିଷୟବସ୍ତୁ ରଚନା କରାଯାଇଛି । ନାନା ଦୁଃଖ, ନିର୍ଯ୍ୟାତନା, ଅଭାବ, ଅନାଟନ, ପାରିବାରିକ ଅଶାନ୍ତି, ନିନ୍ଦା, ଲାଞ୍ଛନା, ପରିକଳ୍ପନା କରିଥାଏ । କଳ୍ପନାର ବିଳାସରେ ଜୀବଜଗତର ମାର୍ମିକ ସତ୍ୟକୁ ଉପଲବ୍ଧି କରି ନିଜର ସୃଷ୍ଟିକୁ ବଳିଷ୍ଠ କରିଥାଏ । ସବୁ ଦେଶରେ ସବୁ କ୍ଷେତ୍ରରେ କବି ଓ କଳାକାରର ଜୀବନ ଯେ ଉପେକ୍ଷିତ ଏହା ପ୍ରାୟ ସର୍ବତ ଦେଖିବାକୁ ମିଳେ । ପାଶ୍ଚାତ୍ୟ ଦେଶମାନଙ୍କରେ କଳାକାରର ସମ୍ମାନ ବଢ଼ିଛି ଓ ସେ ଦେଶମାନଙ୍କରେ ସମାଜ, କବି ଓ କଳାକାରକୁ ଠିକ୍ ରୂପେ ଚିହ୍ନିଛି । କିନ୍ତୁ ଏ ଦେଶରେ ସେ ଅବସ୍ଥାର ବିଶେଷ କିଛି ପରିବର୍ତ୍ତନ ହୋଇ ନାହିଁ । ହିଂସା, ଦ୍ୱେଷ ଓ ଅହମିକାର ଛାୟା ସବୁ କ୍ଷେତ୍ରରେ ବ୍ୟାପି ରହିଛି । ରାଣୀ ଏଲିଜାବେଥଙ୍କ ରାଜତ୍ୱକାଳରେ ଇଂଲଣ୍ଡର ବିଖ୍ୟାତ କବିଗୁରୁ ଏଡ଼ମଣ୍ଡସ୍ପେନ୍ସର ତନରଫେରୀକୁଇନ୍ ମହାକାବ୍ୟର କଳ୍ପନା ବିଳସରେ ସୌନ୍ଦର୍ଯ୍ୟର ଅମରାବତୀ ରଚନା କରି ତହିଁରେ ପ୍ରକୃତିର

ଓ ଜୀବନ ଜାହ୍ନବୀର ଅନାବିଳ ତରଙ୍ଗର ଛବି ଜଗତରେ ଫୁଟାଇଥିଲେ । ବଙ୍ଗୀୟ କବିଗୁରୁ ମାଇକେଲ ମଧୁସୂଦନ ଦତ୍ତଙ୍କ ଅବସ୍ଥା ମଧ୍ୟ ଅନୁରୂପ । ଯେଉଁ ମାଇକେଲଙ୍କର ସୁବର୍ଣ୍ଣମାୟୀ ଲଙ୍କାପୁରୀର ଅତୁଳନୀୟ ଶୋଭା ଓ ବିଭବ ବର୍ଣ୍ଣନା ମୂର୍ତ୍ତିବନ୍ତ ହୋଇ ପାଠକର ମାନସପଟରେ ସବୁବେଳେ ଉଙ୍କି ମାରୁଥିଲା । ସେ ମଧ୍ୟ ଦାରିଦ୍ର୍ୟର କଷାଘାତରେ ପୀଡ଼ିତ ହୋଇ ମୃତ୍ୟୁବରଣ କରିଥିଲେ ।

କଳାକାର ମାଙ୍କଙ୍କର ଏହି ପଟ୍ଟଭୂମି ଉପରେ 'କଳାକାର' ନଟକାର ଅବତାରଣା କରାଯାଇଛି । କଳାକାର ସାମୁଏଲ ପୃଥିବୀ ପ୍ରସିଦ୍ଧ ସୌନ୍ଦର୍ଯ୍ୟର ସୌଧ ନିର୍ମାତା ସମ୍ରାଟ ସାହାଜାହାନଙ୍କର ସ୍ଥାନ ପୂରଣ କରିପାରେ ? ପ୍ରିୟତମା ପତ୍ନୀ ମମତାଜ୍‌ଙ୍କ କାଳ୍ପନିକ ନିର୍ଦ୍ଦେଶରେ ରାଜଦ୍ରୋହୀ ପିତୃଦ୍ରୋହୀ ପୁତ୍ରକୁ ବାତ୍ସଲ୍ୟ ସ୍ନେହରେ ଦୀକ୍ଷିତ ହୋଇ କ୍ଷମା ଦିଏ, କିନ୍ତୁ ଦାରିଦ୍ର୍ୟର କଷାଘାତରେ ଜର୍ଜରିତ ହୋଇ ରୋଗଗ୍ରସ୍ତା ପତ୍ନୀଙ୍କୁ ଔଷଧ ଟିକିଏ ଦେବାପାଇଁ ସମର୍ଥ ହୁଏ ନାହିଁ । ସମାଜ ଓ ଶାସନର ବର୍ବର ତାଡ଼ନରେ ତାପସ ପରି କଳାକାର ନିଜର ପୁତ୍ରକୁ ହରାଇଛି ଏବଂ ଏକମାତ୍ର କନ୍ୟା ନୀଳିମାର କଳାପୂର୍ଣ୍ଣ ପ୍ରାଣରେ କଳାପ୍ରତି ଆଗ୍ରହରେ ବାଧା ସୃଷ୍ଟି କରିଛି । କଳା ପ୍ରେମିକା ମଧୁଲିତା ଜରାଗ୍ରସ୍ତ ଦରିଦ୍ର ନାଟ୍ୟକାର ମନୋରଞ୍ଜନ ଓ ଅଭାବଗ୍ରସ୍ତ ପୁତ୍ର ପତ୍ନୀହରା ସାମୁଏଲକୁ ଅଭାବର ତାଡ଼ନାରୁ ରକ୍ଷା କରିବାକୁ ଯାଇ ବିକ୍ରୟ କରିଛି ନିଜର ରୂପକୁ, ଯେ ଯେଉଁ ଭାବରେ ତାକୁ ଚାହିଁଛି, ତାକୁ ସେହି ରୂପରେ ସେ ଧରାଦେଇଛି । କଳାର ପୂଜାରିଣୀ ଭାବେ ବାଛି ଦେଇଛି ନୀଳିମାକୁ ଓ ତାରି ମାଧ୍ୟମରେ କଳାର ପୂଜାରିଣୀ ହୋଇଛି ଓ ଶେଷରେ ମୃତ୍ୟୁବରଣ କରିଛି । ଏହା ହେଉଛି ଏକ କଳାକାରର ଦୟନୀୟ ଅବସ୍ଥା । ନାଟକର ପ୍ରତ୍ୟେକ ସ୍ତରରେ ଆଦର୍ଶ ଓ ବାସ୍ତବତାର ଜ୍ୱଳନ୍ତ ଚିତ୍ର ବିଦ୍ୟମାନ । ସମ୍ରାଟ ହେଉ ବା ସାଧାରଣ ବ୍ୟକ୍ତି ହେଉ, କଳାକାରର ଜୀବନ ଅଭିଶପ୍ତ, ଏହାହିଁ ଏହି ନାଟକରେ ନାଟ୍ୟକାର ପରିବେଷଣ କରିଛନ୍ତି ।

'ଜୀବନ' ହେଉଛି ଏକ ପାରିବାରିକ ନାଟକ । ସାମାଜିକ ଜୀବନରେ ଦେଖା ଦେଇଥିବା ଏକ ବାସ୍ତବ ଘଟଣାକୁ ନାଟ୍ୟକାର ଏହାର କଥାବସ୍ତୁ ରୂପେ ଗ୍ରହଣ କରିଛନ୍ତି । ବୃଦ୍ଧ ବିପତ୍ନୀକ ରଘୁନାଥଙ୍କ ବଡ଼ବୋହୂ ଉମା ବିଧବା, ବଡ଼ପୁଅ ସୁକାନ୍ତ ଆୟକର ବିଭାଗରେ ଅଫିସର । ସୁକାନ୍ତଙ୍କ ସ୍ତ୍ରୀ ନିରୁପମା ଆତ୍ମଗର୍ବୀ । ସେ ନଣନ୍ଦ ନନ୍ଦିତାଙ୍କୁ ଜଣେ ବୟସ୍କ ଡାକ୍ତରଙ୍କ ହାତରେ ସମର୍ପଣ କରିବାକୁ ଚାହୁଁଥିବା ବେଳେ ନିଜ ଭଉଣୀ ରୀନାକୁ ଜଣେ ସୁନ୍ଦର ଯୁବ ଡାକ୍ତରଙ୍କ ସହ ବିବାହ ଦେବାକୁ ଚାହେଁ । ଡ.ରାୟ ନନ୍ଦିତାକୁ ପସନ୍ଦ କରୁଥିବା ବେଳେ ତାଙ୍କ ପିତା ଯୌତୁକ ଲୋଭରେ ରୀନାକୁ ପସନ୍ଦ କରନ୍ତି । ରୀନା ବିବାହ ଲାଗି ସିଧା ମନେ କରିଦିଏ । ଏହି ସମୟରେ ନିରୁପମାଙ୍କ ପିତାଙ୍କ ଟ୍ରେଜେରୀ ଭାଙ୍ଗି କିଏ ଟଙ୍କା ସବୁ ନେଇଯାଏ । ସବୁଲୋକ ରମେଶକୁ ସନ୍ଦେହ କରନ୍ତି । ନିରୁଦ୍ଦିଷ୍ଟ ରମେଶକୁ ଖୋଜିବାରୁ ଜଣାଯାଏ ସେ ତା'ର ଭଉଣୀର ବାହାଘର ଲାଗି ଡ.ରାୟଙ୍କ ମାଧ୍ୟମରେ ନିଜ ଆଖି ଦୁଇଟିକୁ ବିକ୍ରି କରି ଦେଇଛି । ଏହି ଘଟଣାରେ ସମସ୍ତେ ଦୁଃଖିତ ହୋଇପଡ଼ିଥିବା ବେଳେ ନନ୍ଦିତା ଆତ୍ମହତ୍ୟା କରିଛି ଏବଂ ରମେଶ ପାଗଳ ହୋଇଯାଇଛି । ଏହି ମଧ୍ୟବିତ୍ତ ପରିବାରର ଜୀବନ ଯନ୍ତ୍ରଣା ଅତି ମାର୍ମିକ ଭାବରେ ଏହି ନାଟକରେ ରୂପାୟିତ କରାଯାଇଛି । ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ନାଟକରେ ଜଣେ ସାର୍ଥକ ସ୍ରଷ୍ଟା ଭାବେ ନାଟ୍ୟକାର କମଳଲୋଚନ ମହାନ୍ତି ପରିଚୟ ବହନ କରିଛନ୍ତି । ସମାଜ ଜୀବନର ବାସ୍ତବ ରୂପକୁ ଅନୁଧ୍ୟାନ କରି ସେ ବିଭିନ୍ନ ନାଟକ ପରିକଳ୍ପନା କରିଛନ୍ତି । ଯେଉଁ ନାଟକ ମାଧ୍ୟମରେ ଏକ ସୁସ୍ଥ ସାମାଜିକ ବାତାବରଣ ପ୍ରତିଷ୍ଠା କରିବା ପାଇଁ ଚେଷ୍ଟା କରାଯିବା ସଙ୍ଗେ ସଙ୍ଗେ ଚଳନ୍ତି ସମୟର ବିଭିନ୍ନ ସମସ୍ୟାର ସମାଧାନର ପନ୍ଥା ନିର୍ଦ୍ଧାରଣ କରାଯାଇଛି ।

ନାଟ୍ୟକାର କମଳଲୋଚନଙ୍କ ସମଗ୍ର ନାଟ୍ୟକୃତିକୁ ସୂକ୍ଷ୍ମ ଭାବରେ ଅନୁଧ୍ୟାନ କଲେ କେତୋଟି ନିଷ୍କର୍ଷ ସମ୍ମୁଖକୁ ଆସେ । ନାଟ୍ୟକାରଙ୍କ ନାଟକଗୁଡ଼ିକରେ ସ୍ୱାଧୀନୋତ୍ତର ଭାରତବର୍ଷର ଗଣତନ୍ତ୍ର ଶାସନରେ ରାଜନେତା ଓ ବ୍ୟୁରୋକ୍ରାଟମାନଙ୍କ ଅସାଧୁମେଣ୍ଟ, ସରକାରଙ୍କ ଦ୍ୱାରା କରାଯାଇଥିବା ଯୋଜନାର ବିଫଳତା, ସରକାରୀ ଯୋଜନାରୁ ଅର୍ଥ ଆତ୍ମସାତ କରୁଥିବା ଗାଁ ଟାଉଟରଙ୍କ ଉତ୍ପୀଡ଼ନ, ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀଙ୍କ ଦୁର୍ନୀତି ଦ୍ୱାରା ସାଧାରଣ ନାଗରିକଙ୍କ ଦୁର୍ଦ୍ଦଶା ସମ୍ପର୍କରେ ଦର୍ଶାଯାଇଥିବା ବେଳେ କେତୋଟି ପାରିବାରିକ ନାଟକରେ ପରିବାରର ଗତାନୁଗତିକ ସମସ୍ୟା, ବ୍ୟର୍ଥ ମାତୃତ୍ୱର କରୁଣ କାହାଣୀ, କୁଳରକ୍ଷା ପାଇଁ ପରିବାରର ବୟସ୍କଙ୍କ ଆକୁଳତା, ମଧ୍ୟବିତ୍ତ ପରିବାରର

ସମସ୍ୟା କଥା କୁହାଯାଇଛି । ବହୁ ନାଟକର ସ୍ରଷ୍ଟା ନାଟ୍ୟକାର କମଳଲୋଚନଙ୍କ ଆଭିମୁଖ୍ୟ ତଥା ପ୍ରତିପାଦ୍ୟ କଥାବସ୍ତୁର ବାର୍ତ୍ତା ପ୍ରାୟ ଏକ । ସମୟରେ ଚଳାଚଳ କରୁଥିବା ମଣିଷର ପ୍ରବୃତ୍ତି ଓ କ୍ଷୁଦ୍ର ମନସ୍ତତ୍ତ୍ୱଭିତ୍ତିକ କଥା ବଳିଷ୍ଠ ସଂଳାପ ମାଧ୍ୟରେ ପ୍ରକାଶ କରିବା ନାଟ୍ୟକାରଙ୍କ ଲେଖନୀର ବୈଶିଷ୍ଟ୍ୟ । କମଳଲୋଚନଙ୍କର ନାଟକାବଳୀ ଅତି ମାତ୍ରାରେ ସମାଜ ସଚେତନ । ସଂସାରର ନିତିଦିନିଆ ସମସ୍ୟା ସବୁକୁ ନେଇ ଗଢ଼ିଉଠିଛି ତାଙ୍କ ନାଟକର କଥାବସ୍ତୁ । ସରଳ ଭାଷାର ଲାଳିତ୍ୟରେ ସେ ଅନେକ କ୍ଲିଷ୍ଟ ଓ ନୀରସ କଥାବସ୍ତୁକୁ ନେଇ ସରସ କରି ରଙ୍ଗମଞ୍ଚରେ ବାଢ଼ିପାରିଛନ୍ତି- ଏହା ଥିଲା ତାଙ୍କର ବିଶେଷତ୍ୱ । ବ୍ୟଙ୍ଗ ବିଦ୍ରୁପ ଓ ହାସ୍ୟରସାତ୍ମକ ସଂଳାପ ମାଧ୍ୟମରେ ସେ ଜନସାଧାରଣଙ୍କ ମଧ୍ୟରେ ସାମାଜିକ ଚେତନା ସୃଷ୍ଟି କରିବାକୁ ଚାହିଁଛନ୍ତି । ରଙ୍ଗମଂଚର ଚାହିଦା ପ୍ରତି ଦୃଷ୍ଟି ରଖି ସେ ତାହାଙ୍କ ନାଟକ ସମୂହରେ ଗୀତନୃତ୍ୟାଦିର ଅବତାରଣା କରିଥିଲେ ହେଁ ତାହାଙ୍କ ନାଟ୍ୟକଳାର ବାସ୍ତବବାଦୀ ଆଭିମୁଖ୍ୟ ସୁସ୍ପଷ୍ଟ । କହିବାକୁ ଗଲେ ନାଟକ ମାଧ୍ୟମରେ ସାମାଜିକ-ଚେତନା ସୃଷ୍ଟି ଏବଂ ମାନବିକ ମୂଲ୍ୟବୋଧର ପ୍ରତିଷ୍ଠା ଥିଲା ତାଙ୍କ ନାଟ୍ୟ-ଜୀବନର ମୂଳମନ୍ତ୍ର । ଓଡ଼ିଆ ନାଟ୍ୟ-ଶିଳ୍ପ ଓ ନାଟ୍ୟ-ସଂସ୍କୃତିକୁ ଋଦ୍ଧିମନ୍ତ କରିବା ଦିଗରେ ତାଙ୍କର ଅଗ୍ରଣୀ ଭୂମିକା ଥିଲା ଏକ ଉଚ୍ଚ ଆଦର୍ଶ ଏବଂ ନାଟ୍ୟ-ଜିଜ୍ଞାସା ଓ ମନୀଷାର କମଳଲୋଚନ ହେଉଛନ୍ତି ମୂର୍ତ୍ତିମନ୍ତ ପ୍ରତୀକ । ନାଟ୍ୟ ସାଧନାର କୀର୍ତ୍ତିମାନ ପ୍ରତିନିଧି ରୂପେ ଏକ ଅବିସ୍ମରଣୀୟ ପ୍ରତିଭା ।

**ପ୍ରାନ୍ତଟିକା :**


୧. କୁଅଁର, ଦୁର୍ଗାଚରଣ(ସଂ), କମଳଲୋଚନ ପରିକ୍ରମା, ଓଡ଼ିଶା ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ, (ଅନ୍ତର୍ଭୁକ୍ତ) ମୋ ଜୀବନ ମରୁର କେତେକ ପଦଚିହ୍ନ, କମଳଲୋଚନ ମହାନ୍ତି, ପୃ-୨୧୪ ।

୨. ସେହିଠାରେ, ପୃ- ୧୧୦ ।

୩. ମହାନ୍ତି, କମଳଲୋଚନ, କିରାଣୀ, ଦ୍ୱିତୀୟ ମୁଦ୍ରଣ, ଦାସ୍ ବ୍ରଦର୍ସ, ଏଡୁ କେଶନେଲ୍ ପବ୍ ଲିଶର୍ସ, କଟକ, କେତୋଟି କଥା ।

୪. ମହାନ୍ତି, କମଳଲୋଚନ, ସ୍ୱାମୀ ସ୍ତ୍ରୀ, ଓଡ଼ିଶା ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ, ପୃ-୬ ।

୫. କୁଅଁର, ଦୁର୍ଗାଚରଣ (ସଂ), କମଳଲୋଚନ ପରିକ୍ରମା, ଓଡ଼ିଶା ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ, (ଅନ୍ତର୍ଭୁକ୍ତ) ଡାକବଙ୍ଗଳା, ମାୟାଧର ମାନସିଂହ, ପୃ- ୩୩ ।

୬. ମହାନ୍ତି, କମଳଲୋଚନ, ଡାକବଙ୍ଗଳା, ଓଡ଼ିଶା ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ,ପୃ-୧ ।

୭. ଜେନା, ମୁରାରୀ ମୋହନ (ସଂ), କିଛି ଅର୍ଘ୍ୟ କିଛି ଅରଚନା, ଫ୍ରେଣ୍ଡସ୍ ପବ୍ଲିସର୍ସ, ବିନୋଦ ବିହାରୀ, କଟକ, (ଅନ୍ତର୍ଭୁକ୍ତ) ନାଟ୍ୟରଥୀ କମଳଲୋଚନ ଏକ ଦୃଷ୍ଟିପାତ, ବୈଷ୍ଣବ ଚରଣ ସାମଲ, ପୃ-୪ ।

୮. କୁଅଁର, ଦୁର୍ଗାଚରଣ (ସଂ), କମଳଲୋଚନ ପରିକ୍ରମା, ଓଡ଼ିଶା ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ, (ଅନ୍ତର୍ଭୁକ୍ତ) କମଳଲୋଚନଙ୍କ ନାଟ୍ୟସାହିତ୍ୟ ଏକ ଅଧ୍ୟୟନ, କୃଷ୍ଣଚନ୍ଦ୍ର ସୁଆର, ପୃ-୬୭ ।



କଳାଭୂଷଣ ଗବେଷିକା,
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ